## ଜଳସେଚନ ବିଭାଗର ଅବହେଳା

# ମରାମତି ଅଭାବରୁ ସୁବର୍ଣ୍ଣରେଖା ନଦୀବନ୍ଧ ମୁକୁଳା



କାଳିପଦା, ୧୧।୬ (ସମିସ)

ଜଳସେଚନ ବିଭାଗର ଅବହେଳାରୁ ସୁବର୍ଣ୍ଣ ରେଖା ନଦୀ କଡେ କଡେ ଥିବା ମାଟି ବନ୍ଧ ମରାମତି ହୋଇ ନାହିଁ। ମରାମତି ଅଭାବରୁ ମୁକୁଳା ପଡ଼ିଛି। ପ୍ରତିବର୍ଷ ବର୍ଷା ଋତୁ ପୂର୍ବରୁ ଜଳ ସେଚନ ବିଭାଗ ଭଙ୍ଗା ନଦୀ ବନ୍ଧକୁ ମରାମତି କରିଥାନ୍ତି ମାତ୍ର ଚଳିତ ବର୍ଷ ବିଭିନ୍ନ ପ୍ରକାର ଆଳ ଦେଖାଇ ବିଭାଗ କୌଣସି ମରାମତି କାମ କରି ନାହିଁ।ଝଲ ଝଲିଆରୁ ପାଳପଡ଼ା, ପାଳପଡ଼ାରୁ ସୁବର୍ଣ୍ଣ ରେଖା ସେତୁ, ସୁବର୍ଣ୍ଣ ରେଖା ସେତୁ ଠାରୁ ବଡ଼ାପାଳ ସର୍ଦ୍ଦାର ସାହି, ସର୍ଦ୍ଦାର ସାହିରୁ କୁଦମାନସିଂ, କୁଦ ମାନସିଂରୁ ଜାମକୁଣ୍ଡା ଆମ୍ବୁଚୁଆ, ଆମ୍ବୁଚୁଆରୁ କଙ୍କଡାପାଳ ଆଦି ନଦୀ ବନ୍ଧ ଏବେ ମରାମତି ଅଭାବରୁ ମୁକୁଳା ପଡ଼ିଛି। ବର୍ଷାଋତୁ ଆରମ୍ଭ ହେବାକୁ ଆଉ ମାତ୍ର କିଛି ଦିନ ବାକି ରହିଛି। ସୁବର୍ଣ୍ଣ ରେଖା ନଦୀର ଉପର ମୁଣ୍ଡରେ ବର୍ଷା ହେଲେ ନଦୀରେ ବନ୍ୟା ଆସେ। ବନ୍ୟା ଆସିଲେ ବନ୍ୟା ଜଳ କୂଳ ଲଘଂ ଗାଁ ଗଣ୍ଡା, ରାସ୍ତା, ସମତଳ ଅଞ୍ଚଳ ଓ ଚାଷ ଜମିକୁ ମାଡିଯାଏ। ଏବେ ପ୍ରତଦିନ ବଙ୍ଗୋପ ସାଗର ଲୁଣା ଜୁଆର ମୁହାଁଣ ଦେଇ ସୁବର୍ଣ୍ଣ ରେଖା ନଦୀକୁ ପ୍ରବେଶ କରୁଛି। ଫଳରେ ନଦୀର ଜଳ ସ୍ତର ସାମାନ୍ୟ ଅଧିକ ରହିଛି। ଅନ୍ୟ ପକ୍ଷରେ ବନ୍ଧ ମୁକୁଳା ପଡ଼ି ଥିବାରୁ ତଟ ବାସୀଙ୍କ ଆଖିରେ ନିଦ ନାହିଁ। କୁମ୍ଭାରୀ, ନିଖିରା, ଘଣ୍ଟୁଆ, ଅସ୍ତି, ବାଲିଆପାଳ, ମଧୁପୁରା, ବିଷ୍ଣୁପୁର, ଜାମକୁଣ୍ଡା, ଡଗରା, ଚୌମୁଖ ଆଦି ପଞ୍ଚାୟତର ହଜାର ହଜାର ଲୋକ ବନ୍ୟା ଆସିଲେ ପ୍ରଭାବିତ ହୋଇ ଥାନ୍ତି। ବନ୍ୟା ଲୋକଙ୍କ ସର୍ବସ୍ୱ ଉଜାଡି ଦିଏ। ଲୋକଙ୍କ ଚାଷ ଓ ବାସ ନଦୀ ଗର୍ଭକୁ ଚାଲିଯାଏ। ଦିନ ଦିନ ଲୋକେ ଉଦବାସ୍ତୁ ହୋଇ ଅନ୍ୟତ୍ର ରହନ୍ତି। ସେଥିପାଇଁ ସୁବର୍ଣ୍ଣ ରେଖା ନଦୀକୁ ଏ ଅଞ୍ଚଳର ଦୁଃଖ ବୋଲି କୁହାଯାଏ। ଗତ ତିନି ବର୍ଷ ତଳେ ପାଳପଡ଼ା ଓ ଆମ୍ବୁଚୁଆଠାରେ ଜଳସେଚନ ବିଭାଗର ଅବହେଳାରୁ ଦୁଇ ବନ୍ଧ ଭାଙ୍ଗି ଯାଇଥିଲା। ଫଳରେ ବହୁ ଧନ ଜୀବନର ହାନୀ ଘଟିଥିଲା। ଜଳ ସେଚନ ବିଭାଗ ଯୁଦ୍ଧ କାଳୀନ ଭିତ୍ତିରେ ମୁକୁଳା ବନ୍ଧ ବାଡ଼ର ମରାମତି କରିବାକୁ ହରି ନାରାୟଣ ସାହୁ, ଗଗନ କୁମାର ଗିରି, ମୁକୁନ୍ଦ ପ୍ରସାଦ ଦାସ, ଘନ ଶ୍ୟାମ ବେହେରା, ପ୍ରେମା ନନ୍ଦ ପରିଡ଼ା, ଦର୍ଶନ କୁମାର ଜେନା, ସପନ କୁମାର ଗିରି, ଜନାର୍ଦ୍ଦନ ପତି ପ୍ରମୁଖ ଦୃଢ଼ ଦାବି କରିଛନ୍ତି। ତେବେ ଏ ନେଇ ଜଳସେଚନ ବିଭାଗ ଯନ୍ତ୍ରୀଙ୍କ ସହ ଯୋଗା ଯୋଗ କରିବାରୁ ସରକାର ଏଥି ପ୍ରତି ଦୃଷ୍ଟି ଦେଲେ ଯାହା କିଛି ହୋଇ ପାରିବ ବୋଲି କହିଛନ୍ତି।

## ଟ୍ରକ୍ ଧକ୍କାରେ ଗର୍ଭବତୀଙ୍କ ସହ ୨ ବାଇକ୍ ଆରୋହୀ ଗୁରୁତର



ଜଳେଶ୍ୱର/ରାଜଘାଟ, ୧୧।୬(ସମିସ): ୧୬ ନଂ ଜାତୀୟ ରାଜପଥ ରାଜଘାଟ ପୋଲ ଉପରେ ଏକ ଟ୍ରକ୍ ବାଇକ୍‌କୁ ଧକ୍କା ଦେବା ଫଳରେ ଗର୍ଭବତୀ ସହ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଅଲଟ୍ରାସାଉଣ୍ଡ ଚିକିତ୍ସା ଲାଗି ବାଇକ୍ ରେ ଜଳେଶ୍ୱର ଅଭିମୁଖେ ଯାଉଥିବା ବେଳେ ଟ୍ରକ୍ ପଛରୁ ଧକ୍କା ମାରିଥିଲା। ଆହତ ମାନେ ହେଲେ ବସ୍ତା ବ୍ଲକ କାଦରାୟାଁ ଗାଁର ସେକ ହୁସେନ, ମା କୋରେସା ବିବି ଏବଂ ୮ ମାସର ଗର୍ଭବତୀ ଭଉଣୀ ଶର୍ମିଲା ବିବି। ସ୍ଥାନୀୟ ଲୋକ ଓ ରାଜପଥ ପାଟ୍ରୋଲିଂ ପୁଲିସ ତୁରନ୍ତ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ସମସ୍ତ ଆହତଙ୍କୁ ଜଳେଶ୍ୱର ହସ୍ପିଟାଲ କୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଦୁଇଜଣ ବିପଦମୁକ୍ତ ଥିବା ବେଳେ ଥିବା ବେଳେ ଗର୍ଭବତୀ ଶର୍ମିଲାଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ବାଲେଶ୍ୱର ରେଫର କରାଯାଇଥିବା ବେଳେ ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘିଆଇ ଚାଳକ ଚମ୍ପଟ ମାରିଥିବା ରୁ ପୋଲ ଉପରେ ଦୀର୍ଘ ସମୟ ଧରି ଜାମ ଲାଗି ରହିଥିଲା। ଜଳେଶ୍ୱର ପୁଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଟ୍ରକକୁ ଜବତ କରିଛନ୍ତି।

## ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ବାଲେଶ୍ୱରର ୮ ଚିତ୍ରଶିଳ୍ପୀ ସମ୍ମାନିତ

ବାଲେଶ୍ୱର, ୧୧।୬(ସମିସ): ଉତ୍ତରପ୍ରଦେଶ ବନାରସସ୍ଥିତ ମହାତ୍ମାଗାନ୍ଧୀ କାଶୀ ବିଦ୍ୟାପୀଠରେ ତିନି ଦିବସୀୟ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀ ଏବଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବୋଦୟ ଆର୍ଟ ଫାଉଣ୍ଡେସନ, ଓଡ଼ିଶାର ସହଯୋଗରେ କାଶିକା ଆର୍ଟିଷ୍ଟ ଗ୍ରୁପ୍ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି ଅନ୍ତର୍ଜାତୀୟ କର୍ମଶାଳାରେ ଭାରତ ସହ ନେପାଳ, ଶ୍ରୀଲଙ୍କା, ବାଂଲାଦେଶ, ୟୁଏଇ ଏବଂ ମଙ୍ଗୋଲିଆର ବରିଷ୍ଠ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରି ନିଜ ନିଜ କଳାକୃତି ପ୍ରଦର୍ଶନ କରିଥିଲେ। ସେହିପରି ଏହି କର୍ମଶାଳାରେ ଓଡ଼ିଶା ତଥା ବାଲେଶ୍ୱରରୁ ପ୍ରତାପ ରାଉତ, ଆଶିଷ ସାହୁ,



ଲିପ୍ସିତା ଖଟୁଆ, ପପୁ କର, ସୁବ୍ରତ ଦତ୍ତ, ପ୍ରଦୀପ ପାତ୍ର, ପୂର୍ଣ୍ଣେନ୍ଦୁ ପ୍ରକାଶ ପତି ଏବଂ ଜ୍ୟୋତ୍ସ୍ନା ପ୍ରିୟା ବିଶ୍ୱାଳ ଅଂଶଗ୍ରହଣ କରିଥିଲେ। ସମସ୍ତେ ନିଜର କଳାକୃତି ପ୍ରଦର୍ଶନ କରି ମାନପତ୍ର ଓ ଟ୍ରଫି ସହ ସମ୍ମାନିତ ହୋଇଥିଲେ। ଏହି ଅବସରରେ ଜଳେଶ୍ୱରର ଚିତ୍ରଶିଳ୍ପୀ ଆଶିଷ କୁମାର ସାହୁଙ୍କୁ ଉତ୍କୃଷ୍ଟ କଳାକୃତି ପାଇଁ 'ଦୁର୍ଗା ପ୍ରସାଦ ପଟ୍ଟନାୟକ କଳାଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଏହି ତିନିଦିନିଆ କର୍ମଶାଳାକୁ ଉତ୍ତରପ୍ରଦେଶ ରାଜ୍ୟ ଲଳିତକଳା ଏକାଡେମୀ ସଭାପତି ଡ. ସୁନୀଲ ବିଶ୍ୱକର୍ମା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ କଳା ବିଭାଗ ଡିନ୍ ଡ. ଉତ୍ତମା ଦୀକ୍ଷିତ, କାଶିକା ଆର୍ଟିଷ୍ଟ ଗ୍ରୁପର ଅଧ୍ୟକ୍ଷ ତଥା ଆୟୋଜକ ଡ. ଓମ୍ ପ୍ରକାଶ ଗୁପ୍ତା ଏବଂ ପୂର୍ବୋଦୟ ଆର୍ଟ ଫାଉଣ୍ଡେସନ ସଭାପତି ପ୍ରତାପ ରାଉତଙ୍କ ସମେତ ବହୁ ବରିଷ୍ଠ କଳାକାର ଉପସ୍ଥିତ ଥିଲେ।

## ରେମୁଣା ମନ୍ଦିର ଛକରେ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ




ରେମୁଣା, ୧୧।୬(ସମିସ): ରେମୁଣା ଏନଏସି ଅନ୍ତର୍ଗତ ରେମୁଣା ମନ୍ଦିର ଛକରେ ଆଜି ପାନୀୟ ଜଳ ବ୍ୟବସ୍ଥା ଉଦଘାଟନ କରାଯାଇଛି। ରୋଟାରି କ୍ଲବ ଆନୁକୂଲ୍ୟରେ ଓ ଅମିତ ବେହେରା ଫାଉଣ୍ଡେସନ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଆର. ବି. ଓ ବାଲେଶ୍ୱର ର ମିଳିତ ସହଯୋଗରେ ଉଦଘାଟନ ହୋଇଯାଇଛି। ଏହି ଉଦଘାଟନ କାର୍ଯ୍ୟକ୍ରମରେ ରୋଟାରି କ୍ଲବର ଡିଜି ମନୋଜ କୁମାର ତ୍ରିପାଠୀ, ସଭାପତି ଦେବାଶିଷ ଦାସ, ସମ୍ପାଦକ କମଳା କାନ୍ତ ମୁଦୁଲି, ଏହି ପ୍ରକଳ୍ପର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାନ୍ତିଙ୍କ ସହିତ ଅମିତ ବେହେରା ଫାଉଣ୍ଡେସନର ଅଧ୍ୟକ୍ଷ ଆଦିତ୍ୟ ବେହେରା, ଆକାଂକ୍ଷା ବେହେରା, ଦିନେଶ ଜୈଶ୍ୱାଲ ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରିଥିଲେ। ଏହି ଅବସରରେ କମଳାକାନ୍ତ ଦାସ, ବିଦ୍ୟାଧର ଜେନା, ଗିରିଶ କୁମାର ଷଡ଼ଙ୍ଗୀ, ଜୟନ୍ତ ବେହେରା, ବୀର କିଶୋର ଧିଦା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜେପି ଯୁବମୋର୍ଚ୍ଚା ଜିଲ୍ଲା କମିଟି ଗଠିତ

ଜଳେଶ୍ୱର, ୧୧।୬(ସମିସ): ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା ଓ ବିଜେପି ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ଡ. ପ୍ରଦୀପ କୁମାର ପଣ୍ଡାଙ୍କ ଅନୁମୋଦନ କ୍ରମେ ଯୁବ ମୋର୍ଚ୍ଚା ସଭାପତି ଫାଲଗୁନି ପାଣିଗ୍ରାହୀ ବିଜେପି ଯୁବମୋର୍ଚ୍ଚା ଟିମ୍ ଘୋଷଣା କରିଛନ୍ତି। ୧୨ଜଣ ଜିଲ୍ଲା ପଦାକରୀ, ୧୪ ଜଣ କାର୍ଯ୍ୟ କାରିଣୀ ସଦସ୍ୟ, ୧୯ ଜଣ ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ଓ ୧୦ଜଣଙ୍କୁ ଜିଲ୍ଲା ପଦାଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଯୁବ କର୍ମକର୍ତ୍ତା ହେଲେ ମନମୋହନ ଆଚାର୍ଯ୍ୟ, ବିପ୍ଳବ ପ୍ରଧାନ, ଗୋରାଚାନ୍ଦ ଦାସ ଅଧିକାରୀ ଓ ସଞ୍ଜୀବ ଦାସଙ୍କୁ ଉପସଭାପତି, ତପନ ପାତ୍ର ଓ ଦିଲ୍ଲୀପ ପାତ୍ରଙ୍କୁ ସାଧାରଣ ସମ୍ପାଦକ, ରଞ୍ଜିତ ପାତ୍ର, ପ୍ରତାପ ପ୍ରଧାନ, ଅଭିଜିତ ମହାନ୍ତି, ସତ୍ୟବ୍ରତ ପଣ୍ଡା, ଇଂ ଆକାଶ ବେହେରାଙ୍କୁ ସମ୍ପାଦକ ଓ ଦେବାଶିଷ କବିଙ୍କୁ ଜିଲ୍ଲା ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି।

## ପୋଖରୀ ଉନ୍ନତୀକରଣ କାମ ଅସମ୍ପୂର୍ଣ୍ଣ ଅଭିଯୋଗ

ବାଲେଶ୍ୱର, ୧୧।୬ (ସମିସ): ବାଲେଶ୍ୱର ପୌରପାଳିକାର ୱାର୍ଡ ନଂ ୮ ଓ ୯ ଅଧୀନସ୍ଥ ବିଶ୍ରାମ ପୋଖରୀ ଉନ୍ନତିକରଣ କାମ ଅସମ୍ପୂର୍ଣ ରହିଥିବା ନେଇ ସ୍ଥାନୀୟ ବାସିନ୍ଦା ପୌର ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଠିକାଦାର ଟଙ୍କା ନେଇ କାମ ଅଧା ଛାଡ଼ିଦେବା ସହ ପୋଖରୀରୁ ଖୋଳା ଯାଇଥିବା ମାଟି ଅନ୍ୟତ୍ର ଚାଲାଣ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ବିଶ୍ରାମ ପୋଖରୀ ଉନ୍ନତିକରଣ ପାଇଁ ଜିଏସଟି ସହିତ ୨୫ ଲକ୍ଷ ୭୫ ହଜାର ୫୦୦ ଟଙ୍କା ବ୍ୟୟ ଅଟକଳ ହୋଇଥିଲା। କାର୍ଯ୍ୟନିର୍ବାହୀ ସଂସ୍ଥା ଭିକାରୀ ଦଳେଇଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। କାମ ଆରମ୍ଭ ତାରିଖ ୨୦୨୬ ମାର୍ଚ୍ଚ ୧୫ ଥିବାବେଳେ ଶେଷ ତାରିଖ ମେ ୯ ଧାର୍ଯ୍ୟ ହୋଇଥିଲା। ରକ୍ଷଣାବେକ୍ଷଣ ପାଇଁ ୩ ବର୍ଷ ସମୟ ଫଳକରେ ଉଲ୍ଲେଖ ରହିଛି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ପୋଖରୀରୁ ଉଦ୍ଧାର ହୋଇଥିବା ମାଟିକୁ ଠିକାଦାର ବନ୍ଧ ବାନ୍ଧିବା



ବଦଳରେ ଦିନ ଦ୍ୱିପହରରେ ପ୍ରାୟ ୧୦୦ ଟ୍ରିପ୍ ଟ୍ରାକ୍ଟରରେ ଅନ୍ୟତ୍ର ସ୍ଥାନାନ୍ତର କରିନେଇଛନ୍ତି। ପଚାରିବାରୁ ଠିକାଦାର ଲିଖିତ ଅନୁମତି ଅଛି ବୋଲି କହୁଛନ୍ତି, ମାତ୍ର କାଗଜ ମାଗିଲେ ଦେଉନାହାନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ପୋଖରୀ ଉନ୍ନତିକରଣ ପାଇଁ ଗ୍ରାମର ମାଟି ଆବଶ୍ୟକ। କାହା ସ୍ୱାର୍ଥରେ ମାଟି ଅନ୍ୟତ୍ର ଚାଲାଣ ହେଲା ତାହାର ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଠିକାଦାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିବାକୁ ପୌର ନିର୍ବାହୀ ଅଧିକାରୀଙ୍କୁ ନିବେଦନ କରାଯାଇଛି। ଅଭିଯୋଗ ପତ୍ର ପ୍ରଦାନ ବେଳେ ୯ ନମ୍ବର ୱାର୍ଡ ସଞ୍ଜୀବ ଜେନାଙ୍କ ସମେତ ହରିଶ ଜେନା, ଏସ୍. କେ. ଜାକିର, ରାହୁଲ ଜେନାଙ୍କ ସମେତ ୧୦ରୁ ଅଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ୩ ମାସ ବିତିଲା; ମୃତକଙ୍କ ପରିବାରକୁ ମିଳୁନି ନ୍ୟାୟ

ରାଜଘାଟ, ୧୧।୬ (ସମିସ): ମୃତ୍ୟୁର ତିନି ମାସ ପରେ ବି ମୃତକଙ୍କ ପରିବାରଙ୍କୁ ନ୍ୟାୟ ନ ମିଳିବାରୁ ନ୍ୟାୟ ପାଇଁ ପରିବାର ଲୋକେ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭ ପ୍ରକାଶ କରିଛନ୍ତି। ବସ୍ତା ଥାନା ଭାବେ ପିଟି ପିଟି ହତ୍ୟା କରିଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ମିଳନଙ୍କ ମୃତ୍ୟୁ ପରେ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୁଲିସ କେଶ ନମ୍ବର ୧୮୪/୨୦୨୬ ମାମଲା ରୁଜୁ ଦେବୁ ବୋଲି ମଧ୍ୟ ଧମକ ଦେଉଛନ୍ତି। ସୂଚନା ଥାଉକି ମିଳନଙ୍କ ପୋଷ୍ଟମର୍ଟମ ସମୟରେ ରିପୋର୍ଟରେ ମିଳନଙ୍କ ମା' କିମ୍ବା ପରିବାର ଲୋକେ କେହି ଉପସ୍ଥିତ ନଥିଲେ କିମ୍ବା ରିପୋର୍ଟରେ ଦସ୍ତଖତ କରି ନଥିବା କହିବା ସହିତ ପରିବାର ଲୋକେ ଅଜ୍ଞାତରେ ପୋଷ୍ଟମର୍ଟମ କରାଯାଇଛି ଏବଂ ତାଙ୍କର ନାବାଳିକା ଝିଅକୁ ଅବିବାହିତ ପୁଅ ମିଳନଙ୍କ ପତ୍ନୀ ଦର୍ଶାଇ ପୋର୍ଷ୍ଟମର୍ଟମ କରିଛନ୍ତି। ଅଭିଯୁକ୍ତ ମାନେ ଉକ୍ତ ମକଦ୍ଦମାରେ ଗିରଫ ହୋଇ ନ ଥିବାରୁ ସେମାନେ ସାକ୍ଷୀମାନଙ୍କୁ ବିଭିନ୍ନ ସମୟରେ ଧମକ ଦେବା ସହ ଜୀବନରୁ ମାରିଦେବା ଧମକ ଦେଉଥିବା ଓ ପ୍ରମାଣ ନଷ୍ଟ କରିଦେବାର ଚେଷ୍ଟା ଚଳାଉଥିବା




ଅନ୍ତର୍ଗତ ସଦାନନ୍ଦପୁର ପଞ୍ଚାୟତ ରେ ଗତ ଫେବୃଆରୀ ୨ ତାରିଖରେ କୁଳିଦା ପଞ୍ଚାୟତର ସୁରେନ୍ଦ୍ର ସାମଲ ଓ ଆରତୀ ସାମଲଙ୍କ ସାନପୁଅ ମିଳନ କୁମାର ସାମଲ ତାଙ୍କ ବଡ ପୁଅଙ୍କ ଶଶୁର ଘର ସଦାନଦପୁର ଗ୍ରାମର ରବୀନ୍ଦ୍ର ନାୟକ ଘରକୁ ଯାଇଥିଲେ। ମିଳନକୁ ବଡ ଭାଇ ଶଶୁର, ଶାଶୁ, ଝିଅ ଓ ୪/୫ ଜଣ ସହଯୋଗୀ ଯୋଜନା ବଦ୍ଧ କରି ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷେ ବଡ ଭାଇ ଶଶୁର ଘର ଲୋକେ ବାରମ୍ବାର କେଶ ଉଠାଇବା ଧମକ ଦେବା ସହିତ ଜୀବନରୁ ମାରିଦେବା ଧମକ ଦେଉଛନ୍ତି, ନଚେତ ବସ୍ତା ଥାନା ବାବୁଙ୍କ ଦ୍ୱାରା ଏହି ମକଦ୍ଦମାକୁ ତଦନ୍ତ ନ କରି ଫାଇନାଲ ରିପୋର୍ଟ କରି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ମିଳନଙ୍କ ପରିବାର ଲୋକେ ଏତଲା ମୁତାବକ ତଦନ୍ତ କରାଯାଇ ଆସାମୀମାନଙ୍କୁ ଗିରଫ କରି ଉଚିତ ଦଣ୍ଡ ଦେବାକୁ ସାମ୍ବାଦିକ ସମ୍ମିଳନୀରେ ଆକୁଳ ନିବେଦନ କରିଛନ୍ତି। ଉଚିତ ନ୍ୟାୟ ନ ମିଳିଲେ ପରିବାର ଲୋକେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି।

## ରାଜ୍ୟସ୍ତରୀୟ ପରୀକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ଯୋଗ ଦେଲେ ସୁଜିତ



ବାଲେଶ୍ୱର, ୧୧।୬(ସମିସ): ଫକୀରମୋହନ +୨ ଶିକ୍ଷା ଅନୁଷ୍ଠାନ ପ୍ରଶାସନିକ ଅଧିକାରୀ ତଥା ଇତିହାସ ବିଭାଗ ଅଧ୍ୟାପକ ସୁଜିତ୍ କୁମାର ଦାସ ଭୁବନେଶ୍ୱରରେ ଆୟୋଜିତ ୫ ଦିନିଆ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ଯୋଗ ଦେଇଛନ୍ତି। ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗରେ ଶ୍ରୀ ଦାସଙ୍କ ଦୀର୍ଘ ଦିନର ଅଭିଜ୍ଞତା ରହିଛି। ପୂର୍ବରୁ ପ୍ରାଥମିକ, ମାଧ୍ୟମିକ ଶିକ୍ଷା ଅନୁଷ୍ଠାନରେ ମଧ୍ୟ ସେ ସଫଳତା ପୂର୍ବକ କାର୍ଯ୍ୟ କରିଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ଶ୍ରୀ ଦାସ ବିଭିନ୍ନ ପ୍ରଶାସନିକ ନିୟମ ସହିତ ବିଭିନ୍ନ ଅଫିସିଆଲ୍ ନିୟମାବଳୀ ବିଷୟରେ ନବ ନିଯୁକ୍ତ ଶିକ୍ଷକ ମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଏହି ପ୍ରଶିକ୍ଷଣ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ହେଉଥିବା ବେଳେ ସୁଜିତ୍ କୁମାର ଦାସ ପ୍ରଶିକ୍ଷକ ଭାବେ ଯୋଗ ଦେଇ ସଫଳତା ପୂର୍ବକ ପ୍ରଶିକ୍ଷଣ ଦେଇଥିବାରୁ ସମସ୍ତ କର୍ମଚାରୀ ଖୁସିଥିବା ଅଧ୍ୟକ୍ଷା ଅପର୍ଣ୍ଣା ସେଠୀ ମତବ୍ୟକ୍ତ କରିଛନ୍ତି। ଶିକ୍ଷା ଅନୁଷ୍ଠାନ ସେକ୍ସନ ଅଫିସର୍ ବଳରାମ ନାୟକ ଅନୁଷ୍ଠାନ ପାଇଁ ଏହା ଏକ ଗୌରବର ବିଷୟ କହିଥିବା ବେଳେ ସମସ୍ତ କର୍ମଚାରୀ ଶ୍ରୀ ଦାସଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଦୁର୍ଘଟଣାରେ ମହିଳା ଗୁରୁତର

ରେମୁଣା, ୧୧।୬(ସମିସ): ଆଜି ସକାଳେ ରେମୁଣା ଗୋଲେଇ ଠାରେ ଏକ କାର ଦୁର୍ଘଟଣାରେ ଜଣେ ମହିଳା ଗୁରୁତର ଆହତ ହେଇଛନ୍ତି। ସକାଳ ପ୍ରାୟ ୮:୩୦ ସମୟରେ ରେମୁଣାରୁ ଗୋଲେଇ ରାସ୍ତାରେ ଚାଲି ଚାଲି ଯାଉଥିବା ଏକ ମହିଳାଙ୍କୁ ପଛପଟୁ ତୀବ୍ରଗତିରେ ଆସୁଥିବା ଏକ ଭ୍ୟାନ୍ ଧକ୍କା ଦେଇଥିଲା। ଫଳରେ ମହିଳା ଜଣକ ଗୁରୁତର ଆହତ ହୋଇଥିବା ବେଳେ ଗାଡ଼ିଟି ସେଠାରୁ ଫେରାର ହୋଇଯାଇଥିଲା। ଗୁରୁତର ମହିଳାଙ୍କୁ ସେଠାରେ ଉପସ୍ଥିତ ଥିବା ଲୋକେ ଉଦ୍ଧାର କରି ଏକ ଅଟୋ ଯୋଗେ ଫକୀରମୋହନ ମେଡିକାଲ ଓ ହସ୍ପିଟାଲକୁ ଚିକତ୍ସା ପାଇଁ ପଠେଇଥିଲେ। ଗୁରୁତର ମହିଳା ଜଣକ ହେଉଛନ୍ତି ମୁଖୁରା ଗୋବିନ୍ଦପୁର ଗ୍ରାମର ଶୁଭାସିନୀ ଓଝା (୪୫)। ତାଙ୍କର ମୁଣ୍ଡ ଓ ଅଣ୍ଟାରେ ଗଭୀର ଆଘାତ ଲାଗି ଥିବାର ଜଣାଯାଇଛି। ପରେ ତାଙ୍କ ପରିବାର ଲୋକ ତାଙ୍କ ପାଖରେ ପହଞ୍ଚିଥିବାବେଳେ ସେ ବର୍ତ୍ତମାନ ମଧ୍ୟ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏଠାରେ ପ୍ରକାଶ ଥାଉକି ରେମୁଣା ମୁଖ୍ୟ ରାସ୍ତାରେ ଏହି ଭଳି ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଏଣୁ ଏହି ରାସ୍ତାରେ କଡାକଡି ଟ୍ରାଫିକ ବ୍ୟବସ୍ଥା ସହିତ ସ୍ପିଡ଼ କଣ୍ଟ୍ରୋଲ ସିଗନାଲ ଲଗାଇବା ପାଇଁ ବିଭିନ୍ନ ମହଲରେ ଦାବି ଜୋର ଧରିଛି।

## ବଟେଶ୍ୱର-ଗନ୍ଧାଳୀ ଭାୟା ଶାଳବଣୀ ରାସ୍ତା ଉଦ୍‌ଘାଟିତ

ଖଇରା, ୧୧।୬(ସମିସ): ବାଲେଶ୍ୱର ଜିଲା ଅଧୀନ ବଟେଶ୍ୱର ରୁ ଶାଳବଣୀ ଦେଇ ଗନ୍ଧାଳୀ ପର୍ଯ୍ୟନ୍ତ ନିର୍ମିତ କଂକ୍ରିଟ ରାସ୍ତା ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ଉଦଘାଟିତ ହୋଇ ଯାଇଛି। ଏହି ରାସ୍ତା ପାଇଁ ୧୦ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ବେଳେ ସମ୍ପୁର୍ଣ୍ଣ ପାଇଁ ଆଉ ୬ ଲକ୍ଷ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗନ୍ଧାଳୀ ଗ୍ରାମରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୋହନ ସରକାରଙ୍କ ୨ବର୍ଷ ଶାସନ କାଳରେ ରାଜ୍ୟରେ ସବୁ କ୍ଷେତ୍ରରେ ଅଭୁତପୁର୍ବ ବିକାଶ ହୋଇଛି। ମୋହନ ସରକାର ଲୋକମାନଙ୍କୁ ଯାହା କଥା ଦେଇଥିଲେ ତାହା ସବୁ ପାଳନ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ଆରତୀ ମହାନ୍ତି, ସମିତି ସଭ୍ୟା ଭାନୁପ୍ରିୟା ସାହୁ, ୪ନମ୍ବର ଜୋନ ମଣ୍ଡଳ ସଭାପତି ଲକ୍ଷ୍ମୀଧର ନାୟକ, ଭାଜପା ନେତା ଦେବାଶିଷ ରାଉଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରତ୍ନାକର ଦାସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ବିଧାୟକ ଫଗୁଣା ଗ୍ରାମ ନିକଟରେ ଏକ ପୋଲର ଶିଳାନ୍ୟାସ କରିଥିଲେ।

## ବୃଦ୍ଧ ପିତାମାତାଙ୍କ ପ୍ରତି ପୁଅର ଅତ୍ୟାଚାର ଅଭିଯୋଗ

ବାଲେଶ୍ୱର(ଉତ୍ତର), ୧୧।୬ (ସମିସ): ସମାଜରେ ବୃଦ୍ଧ ପିତାମାତାଙ୍କ ପ୍ରତି ପୁଅ ମାନଙ୍କର ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ଏପରିକି ନିଜ ଜନ୍ମ ଦାତା ଓ ଦାତ୍ରୀ ମାନଙ୍କୁ ମାନସିକ ନିର୍ଯ୍ୟାତନା ଦେବାକୁ ପଛାଉ ନାହିଁ ପୁଅ। ସମ୍ପତ୍ତି ବାଡ଼ିକୁ କେନ୍ଦ୍ର କରି କୋର୍ଟରେ ମାଲି ମକଦ୍ଦମାରୁ ବର୍ତ୍ତିବା ପାଇଁ ପୁଅ ନିଜର ପିତା ମାତାଙ୍କୁ ବି ନିରୁଦ୍ଦିଷ୍ଟ ଥିବା ନେଇ ମିଥ୍ୟା ଅଭିଯୋଗ କରୁଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କୁମ୍ଭାରମୁଳି ପଞ୍ଚାୟତ ଚୌକି ଗ୍ରାମରେ। ଜନୈକ ବୃଦ୍ଧ ଦମ୍ପତି ତାଙ୍କ ସାନ ପୁଅଙ୍କ ଭୁବନେଶ୍ୱର ସ୍ଥିତ ଘରେ ରହୁଥିବା ବେଳେ ବଡ଼ ପୁଅ ବାପା ମାଆ ନିରୁଦ୍ଦିଷ୍ଟ ଥିବା ଭୋଗରାଇ ଥାନାରେ ଅଭିଯୋଗ କରିବା ପରେ ଏହାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ କରିବା ଏବଂ ପରେ ଏ ସମ୍ପର୍କରେ ଜାଣି ବୃଦ୍ଧ ଦମ୍ପତି ଆସି ଥାନାରେ ହଜାର ହୋଇ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାଯୋଗ୍ୟ ଯେ ଗତ ଜୁନ ୫ତାରିଖରେ ଏହି ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସୁଧାଂଶୁ ଶେଖର ଜେନା(୮୫)ଙ୍କ ବଡ଼ ପୁଅ ହିମାଂଶୁ ଜେନା ତାଙ୍କ ବାପା ଶ୍ରୀ ଜେନା ଓ ମାଆ ଗୀତାରାଣୀ ଜେନା ୬ ମାସ ପୂର୍ବରୁ ଝିଅ ଘରକୁ ଯିବାକୁ କହି କେଉଁ ଆଡ଼େ ଚାଲି ଯାଇଥିବା ନେଇ ଭୋଗରାଇ ଥାନାରେ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତି କରି ପୋଲିସ ୫୭/୨୬ ନଂ ମୂଳେ ଏକ ମାମଲା ରୁଜୁ କରିଥିଲା। ଏଥି ସହିତ ଏ ସମ୍ପର୍କରେ ଗଣମାଧ୍ୟମ ଜରିଆରେ ହିମାଂଶୁ ଖବର ପ୍ରକାଶ କରାଇଥିଲେ। ଏ ସମ୍ପର୍କରେ ଜାଣିଲା ପରେ ଅସୁସ୍ଥ ଥିବା ବାପା ସୁଧାଂଶୁ ଓ ମାଆ ଗୀତାରାଣୀଙ୍କୁ ତାଙ୍କ ସାନ ପୁଅ ଶୁଭ୍ରାଂଶୁ ଏକ ଭଉଣୀ କୁନିରାଣୀ ଗତ ମଙ୍ଗଳବାର ଦିନ ଭୁବନେଶ୍ୱରରୁ ନେଇ ଆସି ଭୋଗରାଇ ଥାନାରେ ହଜାର କରାଇବା ସହ ଥାନା ରେ ୦୧୨ ନଂ ମୂଳେ ଏକ ଷ୍ଟେସନ ଡାଏରି ଦାୟର କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଉଭୟ ଶୁଭ୍ରାଂଶୁ ଓ ତାଙ୍କ ବାପା ସୁଧାଂଶୁ ବଡ଼ ଭାଇ ହିମାଂଶୁ ନାମରେ ଅଭିଯୋଗ ଆଣିଛନ୍ତି ଯେ ଘରୋଇ ସମ୍ପତ୍ତି ବାଡ଼ିକୁ ନେଇ କୋର୍ଟରେ ସିଭିଲ କେଶ ଚାଲିଥିବାରୁ ଏଥିରୁ ରହିତାଦେଶ ପାଇବା ପାଇଁ ସେ ଜାଣି ଶୁଣି ଏଭଳି ମିଥ୍ୟାର ଆଶ୍ରୟ ନେଇଛନ୍ତି। ବାପା ଅସୁସ୍ଥ ଥିବାରୁ ମାଆ ତାଙ୍କୁ ଭୁବନେଶ୍ୱର ରେ ଡାକ୍ତର ଦେଖାଇବା ପାଇଁ ନେଇଯାଇଥିଲେ। ପରେ ଚିକିତ୍ସିତ ହୋଇ ସେଠାରେ ତାଙ୍କ ଘରେ ରହୁଥିବା ସାନ ପୁଅ ଶୁଭ୍ରାଂଶୁ କହିଛନ୍ତି। ଅପରପକ୍ଷରେ ବଡ଼ ପୁଅ ହିମାଂଶୁ ସାନ ଭାଇର ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

## ଧାନକିଣାରେ ଅବ୍ୟବସ୍ଥା ନେଇ ୧୮ ରୁ ଧାରଣା

ଜଳେଶ୍ୱର ବ୍ଲକ, ୧୧।୬ (ସମିସ)

ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନସ୍ଥ ଜ୍ୟୋତିଜଙ୍ଗମ ମଣ୍ଡି ମଣ୍ଡିରେ ୩୮୧ ଜଣ ପଞ୍ଜିକୃତ ଚାଷୀଙ୍କର ୧୨୫୧୧ କ୍ୱିଣ୍ଟାଲ ଧାନ ଆବଶ୍ୟକ ଥିବା ସ୍ଥଳେ ଏସ ଏସ ଏଗ୍ରି ଏବଂ ରମାଦେବୀ ରାଇସ ମିଲ କୁ ଯଥା କ୍ରମେ ୩୦୦୦ କ୍ୱିଣ୍ଟାଲ ଏବଂ ୧୨୦୦ କ୍ୱିଣ୍ଟାଲ ମୋଟ ୪୨୦୦ କ୍ୱିଣ୍ଟାଲ ର ଟାର୍ଗେଟ ମିଳିଛି। ସେଥିମଧ୍ୟରୁ ବିଗତ ୨୧ ଦିନରେ ୯୨ ଜଣ ଚାଷୀଙ୍କ ଠାରୁ ଦୁଇଟି ମିଲର ମିଶି ୧୧ ଖଣ୍ଡ ଟ୍ରକ ଯୋଗେ ୨୮୯୯ କ୍ୱିଣ୍ଟାଲ କିଣିଛନ୍ତି। ରଜକୁ ବାଦ ଦେଇ ଅବଶିଷ୍ଟ ୧୬ ଦିନ ମଧ୍ୟରେ ୮୩୧୧ କ୍ୱିଣ୍ଟାଲ ଟାର୍ଗେଟ ସହିତ ୪୩ ଖଣ୍ଡ ଗାଡି ର ଆବଶ୍ୟକ ରହିଛି ଓ ଅନୁରୂପ ଭାବେ ଖାଳିନା ମଣ୍ଡିରେ ୩୬୭ ଜଣ ପଞ୍ଜିକୃତ ଚାଷୀଙ୍କ ଠାରୁ ୧୨୩୯୬ କ୍ୱିଣ୍ଟାଲ ଧାନ ଆବଶ୍ୟକ ସ୍ଥଳେ ବାଲେଶ୍ୱର



ସୋଲବେଣ୍ଟ ଓ ଏସ. ଏନ. ଏମ ରାଇସ ମିଲ ଉଭୟଙ୍କୁ ଯଥାକ୍ରମେ ୨୫୦୦ କ୍ୱିଣ୍ଟାଲ ଏବଂ ୧୬୦୦ କ୍ୱିଣ୍ଟାଲ ମୋଟ ୪୧୦୦ କ୍ୱିଣ୍ଟାଲର ଟାର୍ଗେଟ ମିଳିଛି। ତନ୍ମଧ୍ୟରୁ ଉଭୟ ୯ ଖଣ୍ଡ ଟ୍ରକ ଯୋଗେ ୫୧ ଜଣ ଚାଷୀ ଙ୍କ ଠାରୁ ୨୨୧୩ କ୍ୱିଣ୍ଟାଲ ଧାନ କିଣିଛନ୍ତି ଓ ଅବଶିଷ୍ଟ ୩୧୬ ଜଣଙ୍କ ଠାରୁ ରଜକୁ ବାଦ ଦେଇ ୧୬ ଦିନ ମଧ୍ୟରେ ୪୪ ଖଣ୍ଡ ଟ୍ରକ ଯୋଗେ ୧୨୧୮୨ କ୍ୱିଣ୍ଟାଲ ଧାନ କିଣା ସହିତ ୮୨୯୬ କ୍ୱିଣ୍ଟାଲ ଧାନର ଟାର୍ଗେଟ ଆବଶ୍ୟକ ରହିଛି। ସରକାର ଚାଷୀଙ୍କ ସମସ୍ୟାର ତ୍ୱରିତ ସମାଧାନ ନିମନ୍ତେ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରୁଥିବା ବେଳେ ପ୍ରସାଶନିକ ଉଦାସୀନତା ଯୋଗୁଁ ଚାଷୀ ରାଜରାସ୍ତାକୁ ଯିବା ପାଇଁ ବାଧ ହେଉଛି। ଉକ୍ତ ସମସ୍ୟାର ଆସୁ ସମାଧାନ ନିମନ୍ତେ ପ୍ରସାଶନିକ ଜରୁରୀ ହସ୍ତକ୍ଷେପ ପାଇଁ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ସହ ତହସିଲଦାର ସତ୍ୟଜିତ ମହାନ୍ତି, ଖାଦ୍ୟ ଯୋଗାଣ ବିଭାଗ, ଓ ପୋଲିସ ପ୍ରଶାସନ ନିକଟରେ ଦରଖାସ୍ତ ପ୍ରଦାନ କରିଛନ୍ତି। ଏକ ସପ୍ତାହ ମଧ୍ୟରେ ପ୍ରଶାସନ ଯଦି କୌଣସି ଠୋସ ପଦକ୍ଷେପ ଗ୍ରହଣ ନ କରନ୍ତି ଜ୍ୟୋତିଜଙ୍ଗମ ସେବା ସମବାୟ ସମିତିର ସଭାପତି ସଞ୍ଜୟ କୁମାର ଦେ, କାର୍ଯ୍ୟକାରୀ ସଭାପତି ସ୍ୱର୍ଣ୍ଣମୟୀ ଦେ, ମେମ୍ବର ବାସୁଦେବ ଜେନା, ଜଗନ୍ନାଥ ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, ପାର୍ବତୀ ଦେ, କ୍ରୀଷ୍ଣା ମହାପାତ୍ର, ନଗେନ୍ଦ୍ର ଦେ ପ୍ରମୁଖ ଅନେକ ଚାଷୀବୃନ୍ଦ ଆସନ୍ତା ୧୮ ତାରିଖରେ ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ ସହିତ ଆମରଣ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି।

## ଶିଶୁ ମୃତ୍ୟୁ ହ୍ରାସ ପାଇଁ ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶ

# 'ତ୍ରୁଟି ପାଇଁ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ହେବ'

ଯାଜପୁର, ୧୧।୬(ସମିସ)




ଶିଶୁ ମୃତ୍ୟୁହାର ହ୍ରାସ କରିବା ଦିଗରେ ବିଭାଗୀୟ ଅଧିକାରୀ ଉତ୍ତରଦାୟୀ ରହିବେ ବୋଲି କହିଛନ୍ତି ଜିଲ୍ଲାପାଳ ଅମ୍ବର କୁମାର କର। ଆଜି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ସମୀକ୍ଷା ବୈଠକ, 'ଷ୍ଟପ୍ ଡାଇରିଆ ଅଭିଯାନ-୨୦୨୬' ଜିଲ୍ଲା ଟାସ୍କ ଫୋର୍ସ ବୈଠକ ଏବଂ ଆଇପିପିଆଇ ପଲ୍ସ ପୋଲିଓ କାର୍ଯ୍ୟକ୍ରମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଗତ ଚାରି ବର୍ଷର ଶିଶୁ ମୃତ୍ୟୁ ତଥ୍ୟ ସମୀକ୍ଷା କରି ଜିଲ୍ଲାପାଳ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ। ଶିଶୁ ମୃତ୍ୟୁ ହ୍ରାସ ପାଇଁ କ୍ଷେତ୍ରସ୍ତରରେ ଅଧିକ ସଚେତନତା ଓ ନିୟମିତ ଅନୁଧ୍ୟାନ ଆବଶ୍ୟକ ବୋଲି ସେ କହିଥିଲେ। ଆଶା କର୍ମୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି ପ୍ରତ୍ୟେକ ଆଶା କର୍ମୀ ନିଜ ଅଧୀନରେ ଥିବା ପ୍ରାୟ ୨୦୦ ପରିବାର ସହ ନିବିଡ଼ ଭାବେ ସମ୍ପର୍କ ରଖି ସରକାରୀ ସ୍ୱାସ୍ଥ୍ୟ ସେବା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ମଧ୍ୟସ୍ତରୀୟ ପର୍ଯ୍ୟବେକ୍ଷକ ଓ ସୁପରଭାଇଜରମାନଙ୍କ ଯଥେଷ୍ଟ ତଦାରଖ ଅଭାବରୁ ଅନେକ କ୍ଷେତ୍ରରେ ଲୋକମାନେ ନିୟମିତ ସେବା ପାଇପାରୁ ନାହାନ୍ତି। କୌଣସି ପ୍ରକାରର ଅବହେଳା କିମ୍ବା ତ୍ରୁଟି ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ନିମନ୍ତେ ଦାୟିତ୍ୱ ନିର୍ଦ୍ଧାରଣ କରାଯିବ ବୋଲି ସେ ସ୍ପଷ୍ଟ କରିଥିଲେ। ସମସ୍ତ ଡାକ୍ତରଖାନାର ସୁପରିଟେଣ୍ଡେଣ୍ଟ ଓ ମେଡିକାଲ ଅଫିସର-ଇନ୍-ଚାର୍ଜମାନଙ୍କୁ ସେ ନିଜ ଟିମ୍‌ର ନେତୃତ୍ୱ ନେଇ ରୋଗୀ ସେବାରେ ଅଧିକ ସକ୍ରିୟ ହେବାକୁ ପରାମର୍ଶ ଦେଇଥିଲେ। ଜୀବନ ରକ୍ଷା ଆମର ପ୍ରାଥମିକ ଦାୟିତ୍ୱ ବୋଲି ସେ ମତ ପ୍ରକାଶ କରିଥିଲେ। ବୈଠକରେ ଷ୍ଟପ୍ ଡାଇରିଆ ଅଭିଯାନ-୨୦୨୬ (୧୬ ଜୁନରୁ ୩୧ ଜୁଲାଇ ପର୍ଯ୍ୟନ୍ତ) ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଚଳିତ ବର୍ଷର ଥିମ୍ ରହିଛି 'ଡାଇରିଆକୁ କିପରି ରୋକିବା ଜାଣ, ସ୍ୱଚ୍ଛତା ସହ ଓ.ଆର୍.ଏସ୍. ଉପରେ ରଖିବା ଧ୍ୟାନ'। ଏହି ଅଭିଯାନରେ ପ୍ରତ୍ୟେକ ପରିବାରକୁ ୨ଟି ଓଆରଏସ୍ ପ୍ୟାକେଟ, ପ୍ରତ୍ୟେକ ୫ ବର୍ଷରୁ କମ୍ ଶିଶୁ ପାଇଁ ଅତିରିକ୍ତ ୧ଟି ଓଆରଏସ୍ ପ୍ୟାକେଟ ଏବଂ ୨ଟି ଜିଙ୍କ ଟାବଲେଟ ବଣ୍ଟନ କରାଯିବ। ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଓଆରଏସ୍-ଜିଙ୍କ କର୍ଣ୍ଣର ସ୍ଥାପନ ଏବଂ ଦିନକୁ ଅତି କମରେ ଦୁଇଥର ପ୍ରଦର୍ଶନୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳ ଏହି ଅଭିଯାନର ସଫଳତା ପାଇଁ ସ୍ୱାସ୍ଥ୍ୟ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ପଞ୍ଚାୟତିରାଜ, ପାନୀୟ ଜଳ ଓ ପରିମଳ ବିଭାଗ, ଶିକ୍ଷା ବିଭାଗ ଏବଂ ମିଶନ ଶକ୍ତି ମଧ୍ୟରେ ସମନ୍ୱିତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଆଇପିପିଆଇ ପଲ୍ସ ପୋଲିଓ ରାଉଣ୍ଡ-୨୦୨୬ ପାଇଁ ଜିଲ୍ଲା ଟାସ୍କ ଫୋର୍ସ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୮ ଜୁନ ୨୦୨୬ ତାରିଖରେ ପଲ୍ସ ପୋଲିଓ ବୁଥ୍ ଦିବସ ପାଳନ କରାଯିବ ଏବଂ ଜୁନ୍ ୨୯ ଓ ୩୦ ତାରିଖରେ ଘରକୁ ଘର ବୁଲି ଟିକାକରଣ କାର୍ଯ୍ୟକ୍ରମ ଚାଲିବ। ଜିଲ୍ଲାରେ ମୋଟ ୧, ୭୮, ୪୭୮ ଜଣ ୫ ବର୍ଷରୁ କମ୍ ବୟସର ଶିଶୁଙ୍କୁ ପୋଲିଓ ଟିକା ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୮୪୬ଟି ସ୍ଥାୟୀ ବୁଥ୍, ୩୫ଟି ଟ୍ରାଞ୍ଜିଟ୍ ଟିମ୍, ୨୧ଟି ମୋବାଇଲ ଟିମ୍, ୩, ୩୮୪ ଜଣ କର୍ମୀ, ୧୫୦ ଜଣ ସୁପରଭାଇଜର ଏବଂ ୫୩ଟି ଆଇଏଲଆର ପଏଣ୍ଟ ନିୟୋଜିତ କରାଯାଇଛି। ପଲ୍ସ ପୋଲିଓ କାର୍ଯ୍ୟକ୍ରମରେ କୌଣସି ଶିଶୁ ଯେପରି ବାଦ୍ ନପଡ଼ନ୍ତି ସେଥିପାଇଁ ଶିକ୍ଷା, ଆଇସିଡିଏସ୍, ପଞ୍ଚାୟତିରାଜ, ପୌର ସଂସ୍ଥା ଓ ଅନ୍ୟାନ୍ୟ ବିଭାଗକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନର ଲାବରେଟୋରୀ କାର୍ଯ୍ୟଦକ୍ଷତା ମଧ୍ୟ ସମୀକ୍ଷା କରାଯାଇଥିଲା। ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ସେବା ପ୍ରଦାନ, ଗୁଣାନକ ଚିକିତ୍ସା, ନିୟମିତ ତଦାରଖ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଫଳପ୍ରଦ କାର୍ଯ୍ୟାନ୍ୱୟନ ଉପରେ ବିଶେଷ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## କବି ଅନନ୍ତ ପଟ୍ଟନାୟକଙ୍କ ଜୟନ୍ତୀ ଓ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ



ଦଶରଥପୁର, ୧୧।୬(ସମିସ) : କବି ଅନନ୍ତସ୍ମୃତି ପାଠାଗାର ଓ ସାଂସ୍କୃତିକ ପରିଷଦ, ମଙ୍ଗଳପୁର ପକ୍ଷରୁ ବିପ୍ଳବୀ କବି ଅନନ୍ତ ପଟ୍ଟନାୟକଙ୍କ ୧୧୪ ତମ ଜୟନ୍ତୀ ସମାରୋହ ଓ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ କନିକାପଡ଼ାସ୍ଥିତ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସନାତନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ ତଥା ସାହିତ୍ୟିକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ନିରଞ୍ଜନ ବିଶ୍ୱାଳ, ବୈଲୋଚନ ସାହୁ ପ୍ରମୁଖ ଯୋଗଦେଇ କବି ଅନନ୍ତ ପଟ୍ଟନାୟକ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଉପରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ଶଶୀକାନ୍ତ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଡାହାଣହତା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୃଷ୍ଟି ମହାନ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଡ. ଶୁଭେନ୍ଦୁ ମହାପାତ୍ର ଓ ଭାରତୀ ସାହୁଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ୩୦ରୁ ଊର୍ଦ୍ଧ୍ୱ କବି କବିତା ପାଠୋତ୍ସବରେ ଭାଗ ନେଇଥିଲେ। ସମୀକ୍ଷକ ଭାବେ ବରିଷ୍ଠ ସାହିତ୍ୟିକ ଡ. ଶ୍ରୀହରି ଧଳ ଓ ବରିଷ୍ଠ ସାହିତ୍ୟିକ ଡ. ଅଲେଖ ପ୍ରସାଦ ମହାରଣା ଯୋଗଦେଇଥିଲେ। ଶ୍ରେଷ୍ଠ ୩ଟି କବିତା ଚୟନ କରାଯାଇ କବିଙ୍କୁ ଅନୁଷ୍ଠାନ ତରଫରୁ ପୁରସ୍କୃତ କରାଯାଇଥିଲା। ଅକ୍ଷୟ ପ୍ରସାଦ ମଲ୍ଲିକ, ପ୍ରସନ୍ନ କୁମାର ରାୟ, ଅଭିମନ୍ୟୁ ଦାସ, ବିପିନ ବିହାରୀ ସେନାପତି, ଧୀରେନ୍ଦ୍ର କୁମାର ମଲ୍ଲିକଙ୍କ ସମେତ ଅନୁଷ୍ଠାନର ସମସ୍ତ ସଭ୍ୟ ଓ କାର୍ଯ୍ୟକାରୀ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶୈଳେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରାହ୍ମଣୀ ନଦୀରେ ବୁଡ଼ି ଛାତ୍ର ମୃତ

କୁଆଖିଆ, ୧୧।୬(ସମିସ): ସାଙ୍ଗମାନଙ୍କ ସହ ଗାଧୋଇବାକୁ ଯାଇଥିବା ସମୟରେ ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ରସୁଲପୁର ବ୍ଲକ ଗୋପାଳପୁର ପାଟଣା ଛନ୍ଦା ନିକଟରେ ଏହି ଅଘଟଣ ଘଟିଛି। ମୃତ ଛାତ୍ର ସ୍ଥାନୀୟ ଗୋପାଳପୁର ଗ୍ରାମର ଚନ୍ଦ୍ରମଣି ରାଉତଙ୍କ ଏକମାତ୍ର ପୁଅ ଦୀପଙ୍କର (୧୪)। ଦୀପଙ୍କର ଆଜି ୨/୩ଜଣ ସାଙ୍ଗଙ୍କ ସହ ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିବା ସମୟରେ ହଠାତ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। ବହୁ ସମୟ ପରେ ଛାତ୍ରଙ୍କୁ ଉଦ୍ଧାର କରାଯାଇଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଏସ୍‌ବିଆଇ ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର

ବ୍ୟାସନଗର, ୧୧।୬(ସମିସ): ଭାରତୀୟ ଷ୍ଟେଟ ବ୍ୟାଙ୍କର ୭୧ତମ ବାର୍ଷିକ ଜନ୍ମଦିନ ଉପଲକ୍ଷେ ଯାଜପୁର ଜିଲ୍ଲା ଯାଜପୁର ରୋଡସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ବ୍ରାଞ୍ଚ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ବିଆଇ ଯାଜପୁର ରୋଡର ମୁଖ୍ୟ ପ୍ରବନ୍ଧକ ଜ୍ୟୋତି ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ଯାଜପୁର ରୋଡ ଚାମ୍ବର ଅଫ କମର୍ସର ସମ୍ପାଦକ ସଦାଶିବ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ତେବେ ୨ୟ ଥର ପାଇଁ ବ୍ୟାଙ୍କ ତରଫରୁ ରକ୍ତଦାନ ପରି ଏକ ମହନୀୟ କାର୍ଯ୍ୟ କରାଯାଇଥିବାରୁ ଅତିଥିମାନେ ଏହାର ପ୍ରଶଂସା କରିଥଲେ। କଟକ କେନ୍ଦ୍ରୀୟ ବ୍ଲଡ୍ ବ୍ୟାଙ୍କର ଅବିନାଶ ଦାସ ଏବଂ ସହଯୋଗୀ ଏହି ରକ୍ତଦାନ ଶିବିରରେ ଏସ୍‌ବିଆଇ ବ୍ୟାଙ୍କ କର୍ମଚାରୀଙ୍କ ସମେତ ବ୍ୟାଙ୍କ ଗ୍ରାହକ, ସହଯୋଗୀ ଯୋଗଦେଇ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ମୁଖ୍ୟ ଶାଖା କର୍ମଚାରୀଙ୍କ ପକ୍ଷରୁ ଦେବାଶିଷ ଜେନା, ତପସ୍ୱିନୀ ସାହୁ, ରାହୁଲ ପ୍ରସାଦ, ମାନସ ରଞ୍ଜନ ପାଣିଗ୍ରାହୀ, ଯଜ୍ଞଦତ୍ତ ତ୍ରିପାଠୀ, ଶ୍ରୀନିବାସ ରଥ, ଆଶୁତୋଷ ସାହୁ, ସୁଧାଂଶୁ ଖେଖର ସାହୁ, ସନ୍ଦୀପ ସୋମେଶ, ଦିଲ୍ଲୀପ ପୃଷ୍ଟି, ନକୁଳ ପୃଷ୍ଟି ପ୍ରମୁଖ ରକ୍ତଦାନ କରିଥିଲେ। ଏସ୍‌ବିଆଇ ଯାଜପୁର ରୋଡ୍ ମୁଖ୍ୟ ଶାଖା ପକ୍ଷରୁ ସମସ୍ତ ରକ୍ତାଦତାଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ୟାଙ୍କର କର୍ମଚାରୀ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାସ୍ତା ପ୍ରଶସ୍ତୀକରଣ ପାଇଁ ଶିଳାନ୍ୟାସ



ଧର୍ମଶାଳା, ୧୧।୬(ସମିସ): ଧର୍ମଶାଳା ବ୍ଲକର ଦୁଇଟି ସ୍ଥାନରେ ରାସ୍ତା ନବୀକରଣ ଓ ପ୍ରଶସ୍ତୀକରଣ ପାଇଁ ବିଧାୟକ ହିମାଂଶୁ ଶେଖର ସାହୁ ଆଜି ଶିଳାନ୍ୟାଶ କରିଛନ୍ତି। ପାଟପୁର ପଞ୍ଚାୟତ ତିନିମୁହାଁଣୀ ହାମଜାପୁର ଠାରୁ ବୁଦ୍ଧଲିଙ୍ଗ ପର୍ଯ୍ୟନ୍ତ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪ କୋଟି ୮୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ରାସ୍ତାର ଆଜି ବିଧାୟକଙ୍କ କରକମଳରେ ଶିଳାନ୍ୟାସ କରାଯାଇଛି। ଏଥିସହ ଗଙ୍ଗାଧରପୁର ପଞ୍ଚାୟତର ଆର୍‌ଏନ୍‌ବି ରାସ୍ତାଠାରୁ ବଙ୍ଗାଳିସାହି ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତୀକରଣ ପାଇଁ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୩କୋଟି ୫ ଲକ୍ଷ ଟଙ୍କା ବ୍ୟୟଅଟକଳରେ ନିର୍ମାଣ ହେବାକୁଥିବା ରସ୍ତା ପାଇଁ ଧର୍ମଶାଳା ବିଧାୟକ ଶ୍ରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଛନ୍ତି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀଙ୍କ ସମେତ ଜୋନ୍ ସଭାପତି ପ୍ରଶାନ୍ତ କୁମାର ନାୟକ, ଯୁବ ସଙ୍ଗଠକ ରାଜେଶ କୁମାର ପାଳ, ଜିତେନ୍ଦ୍ର ରାଉତ, ବ୍ଲକ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଜିଲ୍ଲାପରିଷଦ ସଭ୍ୟା ସ୍ମୃତିରେଖା ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଉଭୟ ସ୍ଥାନରେ ସ୍ଥାନୀୟ ଲୋକମାନେ ବିଧାୟକଙ୍କୁ ଉତ୍ସବିତ ସମ୍ବର୍ଦ୍ଧନା ଦେଇ ବାଜା, ବାଣ ଓ ରୋଷଣି କରି ଶିଳାନ୍ୟାସ ସ୍ଥଳକୁ ପାଛୋଟି ନେଇଥିଲେ।

### ଧର୍ମଶାଳା ଡିଫା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ପ୍ରତାପ କ୍ଲବ୍



ଧର୍ମଶାଳା, ୧୧।୬(ସମିସ): ଧର୍ମଶାଳା ଫୁଟବଲ ଆସୋସିଏସନ ପକ୍ଷରୁ ବାଣୀପୀଠ ପଡ଼ିଆରେ ଚାଲିଥିବା ୨୮ ତମ ଓ ଅଷ୍ଟମ ରଞ୍ଜିତ ସ୍ୱାଇଁ ଡିଫା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ ସେମିଫାଇନାଲରେ ମ୍ୟାଚ ପ୍ରତାପ କ୍ଲବ କଟକ ଓ ୟୁନାଇଟେଡ କ୍ଲବ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ପ୍ରତାପ କ୍ଲବ କଟକ ୪/୩ଗୋଲରେ ୟୁନାଇଟେଡ୍ ଭଦ୍ରକ ଟିମକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ କେହି କହାକୁ ଗୋଲ ଦେଇ ପାରିନଥିବା ବେଳେ ଖେଳ ଅମିମାଂସୀତ ଭାବେ ଶେଷ ହୋଇଥିଲା। ଫଳରେ ଟାଇବ୍ରେକର୍‌ର ସହାୟତା ନିଆଯାଇଥିବା ବେଳେ କଟକ ଟିମ ୪/୩ ଗୋଲରେ ବିଜୟୀ ହୋଇଥିଲା। ଆଜିର ମ୍ୟାଚରେ ଭଲ ଖେଳ ପ୍ରଦର୍ଶନ କରିଥିବା କଟକ ପ୍ରତାପ କ୍ଲବ୍‌ର ସମ୍ବିତ ସ୍ୱାଇଁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଅତିଥି ଭାବେ ପୂର୍ବତନ ସରପଞ୍ଚ ମନୋଜ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବିତଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚକୁ ସେକ୍ ସଲିମ ଅହମ୍ମଦ ରେଫରି ଭାବେ ପରିଚାଳନା କରିଥିବା ବେଳେ ଶୈଳେଶ ପାଣି ଓ ରାମଚନ୍ଦ୍ର ହାଲଦା ଲାଇନମ୍ୟାନ ଭାବେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ମହୀପ୍ରକାଶ ସାହୁ ଉପସ୍ଥିତ ରହିଥିଲେ। ଆସନ୍ତା କାଲି ଗ୍ରାଣ୍ଡ ଫାଇନାଲ ମ୍ୟାଚ ପ୍ରତାପ କ୍ଲବ୍ କଟକ ଓ ୟଙ୍ଗ ଉତ୍କଳ କ୍ଲବ୍ କଟକ ମଧ୍ୟରେ ଅନୁଷ୍ଠିତ ହେବ। ଏହି ଫାଇନାଲ ମ୍ୟାଚରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିବେ ବୋଲି ଆୟୋଜକ ଡିଫା କ୍ଲବର ସଭାପତି ପ୍ରମୋଦ କୁମାର ଦାସ ଓ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି।

## ସିଏମ୍ ଟ୍ରଫି ଫୁଟବଲ, ଯାଜପୁର ଉପବିଜେତା

ବ୍ୟାସନଗର, ୧୧।୬(ସମିସ): ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ ଏବଂ ଫାଓ ତରଫରୁ ଆୟୋଜିତ ସିଏମ୍ ଟ୍ରଫି ଫୁଟବଲ(ବାଳକ ବିଭାଗରେ) ଦ୍ୱିତୀୟ ସଂସ୍କରଣ ରାଉଲକେଲାଠାରେ ଅନୁଷ୍ଠିତ ହୋଇଥିବା ବେଳେ ଫାଇନାଲ ମ୍ୟାଚରେ ବରଗଡ଼ ଠାରୁ ମାତ୍ର ୧-୦ ଗୋଲରେ ହାରି ଯାଜପୁର ଜିଲ୍ଲା ପ୍ରଥମଥର ପାଇଁ ରନର୍ସ ଅପ ହୋଇଛି। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଟାଟା ମାଇନ୍ସ କଳରଙ୍ଗୀର ଲକ୍ଷ୍ମଣ ମାଝୀଙ୍କୁ ପୁରସ୍କାର ମିଳିଥିଲା। ଜିଲ୍ଲା କ୍ରୀଡ଼ା ସଂସଦ ତରଫରୁ କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ସମ୍ବିତ ମହାନ୍ତି, ଉପସଭାପତି ହାରାଧନ ବାନାର୍ଜୀ, ବିଶ୍ୱମ୍ବର ରାଉତ, ରାକେଶ ରାଉତ, ମନୀନ୍ଦ୍ର ଧଳ, ଅଜୟ ନାୟକ, ଫୁଟବଲ ସମ୍ପାଦକ ନରେନ୍ଦ୍ର ବଳ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁଙ୍କ ସମେତ ସମସ୍ତ ସଭ୍ୟମାନଙ୍କ ତରଫରୁ ସମସ୍ତ ଖେଳାଳିଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଆଗାମୀ ଦିନରେ ଫୁଟବଲ ଖେଳର ଉନ୍ନତି ପାଇଁ ଆବଶ୍ୟକ ସାହାଯ୍ୟ ଓ ସହଯୋଗ ଦେବା ପାଇଁ ସାଧାରଣ ସମ୍ପାଦକ ସମ୍ବିତ ମହାନ୍ତି ଅନୁରୋଧ କରିଛନ୍ତି। ଏହି ସଫଳତା ପାଇଁ ଯାଜପୁର ଜିଲ୍ଲା ଖେଳାଳିମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ଅଢ଼େଇ କ୍ୱିଣ୍ଟାଲ ଲୁହା ଜବତ; ଜଣେ ଗିରଫ



ଦାନଗଦି, ୧୧।୬(ସମିସ): ରେଳଲାଇନ୍‌ରେ ବ୍ୟବହୃତ ଅଢ଼େଇ କ୍ୱିଣ୍ଟାଲ ଲୁହା ସାମଗ୍ରୀକୁ ଯଖପୁରା ପୁଲିସ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଖବର ମୁତାବକ ଜେନାପୁର ଥାନା ବାରକଣା ଗ୍ରାମର ଦୀପୁ ସାହୁ ବାଇକ୍‌ରେ ଲୁହା ସାମଗ୍ରୀ ନେଇ ବିଜୁ ପଟ୍ଟନାୟକ ମାର୍ଗରେ ପଙ୍କପାଳ ଆଡ଼କୁ ଯାଉଥିବା ବେଳେ ମାନତୀରା ଛକରେ ପାଟ୍ରୋଲିଂ କରୁଥିବା ପୁଲିସ ତାକୁ ଅଟକାଇଥିଲା। ଜବତ ଲୁହା ସାମଗ୍ରୀକୁ ଦୀପୁ ସ୍ଥାନୀୟ କେନ୍ଦୁଡିପି ଗ୍ରାମରୁ କିଣିଥିବା ସୂଚନା ଦେଇଥିଲା। ପୁଲିସ ଏହି ଘଟଣାରେ ଆଜି ତାକୁ କୋର୍ଟ ଚାଲାଣ କରିଥିବା ବେଳେ ଅଧିକ ତଦନ୍ତ ଜାରି ରଖିଛି।

## ମହାମାୟା ନିଃଶୁଳ୍କ ଗୀତାପାଠ କେନ୍ଦ୍ରର ବାର୍ଷିକ ଉତ୍ସବ

ମଧୁବନ, ୧୧।୬(ସମିସ): ଯାଜପୁର କେତକିକିଆଁ ଠାରେ ଅବସ୍ଥିତ ମହାମାୟା ନିଶୁଳ୍କ ଗୀତାପାଠ କେନ୍ଦ୍ରର ବାର୍ଷିକ ଉତ୍ସବ ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ବିଜେପି ନେତା ଗୌତମ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୀତାପାଠ ଦ୍ୱାରା ଛାତ୍ରଛାତ୍ରୀ ସନାତନ ଧର୍ମର ମୌଳିକ ସଂସ୍କାରରେ ସଂସ୍କାରିତ ହେବା ସହ ସେମାନଙ୍କ ଭବିଷ୍ୟତ ସୁନ୍ଦର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଧୁ ବାଳକ ରାମଦାସ ମହାରାଜ, ଶିକ୍ଷାବିତ୍ ସୂର୍ଯ୍ୟନାରାୟଣ ମିଶ୍ର, ତରୁଣ କୁମାର ନନ୍ଦ, ସଂସ୍କୃତ ଶିକ୍ଷୟିତ୍ରୀ ଡଃ ମିତା ଦାସ, ମହେଶ୍ୱରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁରେଶ ରାଉତ, ବିଜେପି ନେତ୍ରୀ ନୀଳିମା ଭଦ୍ର ଓ ସମାଜସେବୀ କାଳନ୍ଦୀ ଚରଣ କଣ୍ଟ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିତ୍ ନୃସିଂହ ମିଶ୍ର ଓ ପଣ୍ଡିତ ନନ୍ଦକିଶୋର ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ଡ୍ରାଇଭର ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଯାଜପୁର, ୧୧।୬(ସମିସ) : ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଟୋ ଓ ପ୍ରାଇଭେଟ୍ ଗାଡ଼ିର ବିଭିନ୍ନ ସମସ୍ୟା ନେଇ ଯାଜପୁର ଏନସି କଲେଜ ଛକ ନିକଟରୁ ଡ୍ରାଇଭରମାନେ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ଡ୍ରାଇଭରଙ୍କର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ପ୍ରାଇଭେଟ୍ ଗାଡ଼ି ଡ୍ରାଇଭରଙ୍କୁ ଡ୍ରାଇଭର କଲ୍ୟାଣ ବୋର୍ଡରେ ସାମିଲ, ସମସ୍ତ ଡ୍ରାଇଭରଙ୍କୁ ସାମାଜିକ ସୁରକ୍ଷା ଆଦି ରହିଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଓଡ଼ିଶା ଡ୍ରାଇଭର ମହାସଂଘ ଚେତାବନୀ ଦେଇଛି। ବିକ୍ଷୋଭ ପ୍ରଦର୍ଶନ ସମୟରେ ଜିଲ୍ଲାରୁ ପ୍ରାୟ ପାଞ୍ଚଶହରୁ ଊର୍ଦ୍ଧ୍ୱ ଡ୍ରାଇଭର ସାମିଲ ହୋଇଥିଲେ। ପୂର୍ବ ସରକାରଙ୍କୁ ବାରମ୍ବାର ଅବଗତ କରିବା ସହିତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅନୁରୋଧ କରାଯାଇଥିଲା। ବିଡ଼ମ୍ବନାର ବିଷୟ କୌଣସି ସମସ୍ୟାର ସମାଧାନ ହୋଇପାରିନାହିଁ। ଏଣୁ ବର୍ତ୍ତମାନ ନୂଆ ସରକାରଙ୍କୁ ଦାବିପତ୍ର ମାଧ୍ୟମରେ ସମସ୍ୟାର ସମାଧାନ କରିବା ପାଇଁ ଅବଗତ କରାଗଲା। ଆଗାମୀ ୯୦ ଦିନ ମଧ୍ୟରେ ଡ୍ରାଇଭରଙ୍କର ସମସ୍ୟାର ସ୍ଥାୟୀ ସମାଧାନ ନହୁଏ ବାଧ ହୋଇ ଡ୍ରାଇଭ୍ରାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବୁ ବୋଲି କହିଛନ୍ତି।

## ବାଲି ମାଫିଆଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣ

ପାଣିକୋଇଲି, ୧୧।୬(ସମିସ): ପାଣିକୋଇଲି ଥାନା ତଥା ଯାଜପୁର ବ୍ଲକ ମାଳଆନ୍ଦପୁରର ପଞ୍ଚାୟତର କଣ୍ଟିଗଡ଼ିଆ ଗ୍ରାମର ସୁଧୀର ସାମଲଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶଯେ ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତ କଣ୍ଟିଗଡ଼ିଆ ଗ୍ରାମର ସୁଧିର ସମାଲଙ୍କ ଅଭିଯୋଗ ମୁତାବକ ବୈତରଣୀର ଶାଖା ନଦୀ ବୁଢ଼ା ନଦୀରୁ ପ୍ରତ୍ୟେକ ଦିନ ରାତିରେ ବାଲି ଚୋରା ଚାଲାଣ କରାଯାଉଛି। ସଠିପୁରରୁ ସେ ତାଙ୍କ ସାନଭାଇଙ୍କ ସହିତ ରାତିରେ ଘରକୁ ଫେରୁଥିବା ବେଳେ ସେହି ରାସ୍ତାରେ ଏକ ଚୋରା ବାଲି ହାଇୱା ( ଓଡି୨୨ଏସି୨୩୭୨) ତାଙ୍କୁ ସାଇଡ ମାରିବା ଯୋଗୁଁ ଏମାନେ ତାଙ୍କୁ ଅଟକାଇଥିଲେ। ଏହି ସମୟରେ ନୁରୁଂଗା ଗ୍ରାମର ବିବେକାନନ୍ଦ ଧଳ ଓ ତାଙ୍କ ସହଯୋଗୀ ଜୟ ପ୍ରକାଶ ଜେନା ପହଞ୍ଚି ଅଶ୍ଳୀଳ ଗାଳି ଗୁଲଜ କରିବା ସହ ଲୁହା ରଡରେ ମାଡମାରିଥିଲେ। ଫଳରେ ସୁଧୀର ଗୁରୁତର ଆହତ ହୋଇଥିଲେ। ପୁଲିସ ଓ ଖଣି ବିଭାଗକୁ ଟଙ୍କା ଦିଆଯାଉଛି କେହି ଆମର କିଛି କରିପାରିବେ ନାହିଁ ଓ ଥାନାକୁ ଗଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସୁଧିକ ଏନେଇ ଥାନାକୁ ଜଣାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ସେମାନେ ଆକ୍ରମଣ କରି ଗାଡ଼ି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଚାନ୍ଦା ଆଦାୟ ବିରୋଧରୁ ଆକ୍ରମଣ, ୨ ମାମଲା ରୁଜୁ

ପାଣିକୋଇଲି, ୧୧।୬(ସମିସ): ପାଣିକୋଇଲି ଥାନା କରଦା ପଞ୍ଚାୟତର ପଳସା ଗ୍ରାମରୁ ଚାନ୍ଦା ଆଦାୟକୁ ନେଇ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିବା ବେଳେ ଅପରପକ୍ଷଙ୍କୁ ମାଡ଼ ମରାଯାଇଥିବାର ଅଭିଯୋଗ ମଧ୍ୟ ହୋଇଛି। ଏ ନେଇ ପୁଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶଯେ ପଳସା ଗ୍ରାମର ପ୍ରଫୁଲ୍ଲ ଖଣ୍ଡାଇଙ୍କ ଅଭିଯୋଗ ମୁତାବକ ତାଙ୍କ ଗ୍ରାମର କିଛି ଅସାମାଜିକ ବ୍ୟକ୍ତି ବରୁଣ୍ଡାଇ ସଠିପୁର ରାସ୍ତାରୁ ଚାନ୍ଦା ଆଦାୟ କରୁଛନ୍ତି। ଚାନ୍ଦା ଆଦାୟ ସମୟରେ ବହୁ ସଂଖ୍ୟାରେ ଗାଡି ରାସ୍ତା ଉପରେ ଅଟକି ରହୁଥିବାରୁ ଯାତାୟତରେ ବାଧାସୃଷ୍ଟି ହେଉଛି। ଯାହାକୁ ଗ୍ରାମବାସୀମାନେ ବିରୋଧ କରିଆସୁଛନ୍ତି। ଗ୍ରାମର ହେମନ୍ତ ବେହେରା, ସୁଦାମ ବେହେରା, ଅଶୋକ ବେହେରା, ଅକ୍ଷୟ ବେହେରା, ସୌମ୍ୟରଞ୍ଜନ ବେହେରା ପ୍ରମୁଖ ବରୁଣ୍ଡାଇ ସଠିପୁର ରାସ୍ତାର ଗ୍ରାମ ନିକଟରେ ବାଲି ହାଇୱାକୁ ଅଟକାଇ ଚାନ୍ଦା ଆଦାୟ ସମୟରେ ଗ୍ରାମବାସୀ ବିରୋଧ କରିଥିଲେ। ଏହି ସମୟରେ ସେମାନଙ୍କ ଆକ୍ରମଣରେ ପ୍ରଫୁଲ୍ଲ ଖଣ୍ଡାଇ ଗୁରୁତର ଆହତ ହୋଇଥିଲେ। ଏ ନେଇ ପ୍ରଫୁଲ୍ଲ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷେ ହେମନ୍ତ ବେହେରାଙ୍କ ପତ୍ନୀ ଅନସୂୟା ବେହେରାଙ୍କ ଅଭିଯୋଗ ମୁତାବକ ସେ ତାଙ୍କ ସ୍ୱାମୀଙ୍କ ସହ ବରୁଣ୍ଡାଇ ବଜାରରୁ ଫେରୁଥିବା ବେଳେ ତାଙ୍କ ଗ୍ରାମର ପ୍ରଫୁଲ୍ଲ ଖଣ୍ଡାଇ, ସନ୍ତୋଷ ସାହୁ, ଶଙ୍କର୍ଷଣ ସେଠୀ, ଦିଲ୍ଲୀପ ପଣ୍ଡା, ସୁଶାନ୍ତ ମହାପାତ୍ର, କାହ୍ନୁ ସାହୁ, କାର୍ତ୍ତିକ ସାହୁ, ରାମ ସାହୁ, ମିଲୁ ମଲିକ, ଦେବୁ ଖଣ୍ଡାଇ ପ୍ରମୁଖ ଏକ ହାଇୱାକୁ ଅଟକାଇ ମାରଧର କରୁଥିଲେ। ସେମାନେ ଏହାର ପ୍ରତିବାଦ କରିବାରୁ ଅଶ୍ଳୀଳ ଗାଳି ଗୁଲଜ କରିବା ସହିତ ତାଙ୍କୁ ଟଣାଓଟରା କରି ସୁନାଚେନ ନେଇଯିବା ଓ ହେମନ୍ତଙ୍କୁ ମାଡ ମାରିବା ଭଳି ଅଭିଯୋଗ କରିଛନ୍ତି। ପୁଲିସ ଉଭୟଙ୍କ ଅଭିଯୋଗକୁ ଗ୍ରହଣ କରି ଦୁଇଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଏରବାଙ୍କରେ ପ୍ରସ୍ତାବିତ ଜେଲ୍ ନିର୍ମାଣ କାର୍ଯ୍ୟ ଆରମ୍ଭ

ଯାଜପୁର, ୧୧।୬(ସମିସ)




ଯାଜପୁର ଜିଲ୍ଲା ଏରବାଙ୍କ ପଞ୍ଚାୟତର ଛତରିଆ ପଡ଼ିଆରେ ପ୍ରସ୍ତାବିତ ମଡେଲ୍ ଜେଲ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହାକୁ ବାରମ୍ବାର ବିରୋଧ କରି ଏରବାଙ୍କ ଗ୍ରାମ ସମେତ ଆଖପାଖ ଅଞ୍ଚଳର ଲୋକେ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କରିଥିଲେ। ତେଣୁ ଆନ୍ଦୋଳନ ଆଶଙ୍କା କରି ନିର୍ମାଣସ୍ଥଳରେ ବ୍ୟାପକ ପୁଲିସ ଛାଉଣୀ କରାଯାଇଥିଲା। ଏରବାଙ୍କ ପଞ୍ଚାୟତରେ ଥିବା ବିସ୍ତୃତ ଗୋଚର ଜମି ମଧ୍ୟରୁ ୨୦ଏକର ଜମି ଉପରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ଏକ ମଡେଲ୍ ଜେଲ୍ ନିର୍ମାଣ କରିବା ପାଇଁ ସରକାରୀସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ଜିଲ୍ଲା ପ୍ରଶାସନ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ କରାଯାଇଥିବା ଅଭିଯୋଗ ନ ଶୁଣିବାରୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷମାନେ ଛତରିଆ ପଡ଼ିଆ ନିକଟସ୍ଥ ମହାପୁରୁଷ ଓ ଗ୍ରାମଦେବତୀ ମା' ବନଦୁର୍ଗାଙ୍କ ନିକଟରେ ମିଳିତ ହୋଇ ଦୀପ ଜଳାଇ ପ୍ରତିବାଦ ଜଣାଇଥିଲେ। ଗ୍ରାମବାସୀ ଏହି ପଡ଼ିଆକୁ ଗାଈ ଗୋରୁ, ଛେଳି ମେଣ୍ଢା ଆଦି ଗୃହପାଳିତ ପଶୁଙ୍କ ଚରାଭୂଇଁ ରୂପେ ବ୍ୟବହାର କରୁଥିବାବେଳେ ବିଦ୍ୟାଳୟର କୋମଳମତି ଛାତ୍ରଛାତ୍ରୀଙ୍କ ପାଇଁ ଖେଳ ପଡ଼ିଆ ଭାବେ ବ୍ୟବହୃତ ହେଉଥିଲା। ଏଥିସହିତ ବିଭିନ୍ନ ପର୍ବପର୍ବାଣି ସମୟରେ ଜାଗଯଜ୍ଞ ଓ ଦୋଳ ମେଳଣ ଅନୁଷ୍ଠିତ ହୁଏ। ଏହା ବ୍ୟତୀତ ଭୌଗୋଳିକ ଅବସ୍ଥିତି ଅନୁସାରେ ଏହା ଜନବସତିର ମଧ୍ୟ ଭାଗରେ ରହିଛି। ତେଣୁ ପ୍ରସ୍ତାବିତ ପ୍ରକଳ୍ପକୁ ସ୍ଥାନାନ୍ତରିତ କରି ଜିଲ୍ଲାର ଯେ କୌଣସି ସ୍ଥାନରେ ନିର୍ମାଣ କରିବା ପାଇଁ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ନିକଟରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷମାନେ ଦୀପ ଜଳାଇ ନିବେଦନ କରିଥିଲେ। ଆଜି ସକାଳୁ ପ୍ରସ୍ତାବିତ ସ୍ଥାନରେ ପୁଲିସ ଛାଉଣୀକୁ ଦେଖି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ଉପସ୍ଥିତ ରହି ନିରବଦ୍ରଷ୍ଟା ସାଜିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଘଟଣାସ୍ଥଳରେ ୬ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଯାଜପୁର ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ତହସିଲଦାର ରବିନାରାୟଣ ପାଢ଼ୀ, ଅତିରିକ୍ତ ତହସିଲଦାର ଅଜୟ କୁମାର ପଣ୍ଡା, ଆଡିସନାଲ୍ ଏସ୍‌ପି ଶୀତିକଣ୍ଠ କାନୁନ୍‌ଗୋ, ଲକ୍ଷ୍ମୀଧର ସ୍ୱାଇଁ, ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର, ରେଣୁବାଳା ତ୍ରିପାଠୀ, ଆଦିତ୍ୟ କୁମାର ସେଠୀ, ଆଇଆଇସି ଚିନ୍ମୟୀ ବେହେରା, ଜୟନ୍ତୀ ମଲ୍ଲିକ, ପାର୍ବତୀ ମଲ୍ଲିକ, ଜ୍ୟୋତିର୍ମୟୀ ସେଠୀ, ଭରତ କୁମାର ବେହେରା, ଶିବ ଚରଣ ବେହେରା, ଦେବାଶିଷ ଶତପଥୀଙ୍କ ସମେତ ବହୁ ପୁଲିସ ଅଫିସର୍ ଓ ପୁଲିସ ହାଉସିଂ ବୋର୍ଡ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ସାହୁ, ମ୍ୟାକିନ୍ ତୋଷି ବର୍ଣ୍ଣ ଲିମିଟେଡ୍ ନାମକ କଲିକତାର ଏକ ଠିକା ସଂସ୍ଥାର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ନିର୍ଦ୍ଧାରିତ ସମୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଉକ୍ତ ଛତରିଆ ପଡ଼ିଆ ଠାରେ ପୁଲିସ ଫୋର୍ସ ଉପସ୍ଥିତ ରହିବେ ବୋଲି ପୁଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ଆଜି ନିର୍ମାଣକାର୍ଯ୍ୟ ଆରମ୍ଭରୁ ଖବର ଲେଖାହେବା ମଧ୍ୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିବା ଜଣାପଡ଼ିଛି।

### ଆନ୍ଦୋଳନ ଆଶଙ୍କାରେ ପୁଲିସ ଛାଉଣି

**ସାହସପୁର ପଞ୍ଚାୟତରେ ମହାଦୁର୍ନୀତି**

# ଗୋଟିଏ ରାସ୍ତାରେ ଦୁଇଟି ବିଭାଗର ଅର୍ଥ ହରିଲୁଟ୍ ଅଭିଯୋଗ





ଅସୁରାଳି,୧୧।୬(ସମିସ)

ଧାମନଗର ବ୍ଲକ୍ ଅଧୀନସ୍ଥ ସାହସପୁର ଗ୍ରାମ ପଞ୍ଚାୟତରେ ଏକ ବଡ଼ଧରଣର ଆର୍ଥିକ ଅନିୟମିତତା ଓ ସରକାରୀ ଅର୍ଥ ହରିଲୁଟ୍ ଅଭିଯୋଗ ସାମ୍ନାକୁ ଆସିଛି। ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ଗୋଟିଏ ରାସ୍ତା କାମରେ ଦୁଇଟି ପୃଥକ୍ ବିଭାଗର ପାଣ୍ଠି ବ୍ୟବହାର କରାଯାଇ ଲକ୍ଷ ଲକ୍ଷ ଟଙ୍କାର ମହାଘୋଟାଲା କରାଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ସାହସପୁର ପଞ୍ଚାୟତରେ ଜଗନ୍ନାଥସାହିଠାରୁ ପୋଖରିଆ ପର୍ଯ୍ୟନ୍ତ ଦୀର୍ଘ ୩ କିଲୋମିଟର ବିଶିଷ୍ଟ ଏକ ରାସ୍ତାର ନିର୍ମାଣ କାର୍ଯ୍ୟ ଗତ ମେ' ୮ ତାରିଖଠାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଆରମ୍ଭ ହୋଇଥିଲା। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଉକ୍ତ ରାସ୍ତାରେ ପୂର୍ବରୁ ପଞ୍ଚାୟତ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଅଧୀନରେ କାର୍ଯ୍ୟ ଚାଲୁ ରହିଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ କାମ ହାତକୁ ନେବା ପରେ ମଧ୍ୟ ପଞ୍ଚାୟତ କର୍ତ୍ତୃପକ୍ଷ ଏହାକୁ ଆଖିଠାର ମାରି ନିଜ ବିଭାଗରୁ ଅର୍ଥ ଉଠାଇବା ପାଇଁ ଚକ୍ରାନ୍ତ କରିଥିଲେ। ଚଳିତ ଜୁନ୍ ମାସରେ ସାହସପୁର ପଞ୍ଚାୟତର ପିଇଓ ଏବଂ କନିଷ୍ଠ ଯନ୍ତ୍ରୀ (ଜେଇ) ମିଳିତ ଭାବେ ଦୁଇଟି ପୃଥକ୍ ଫାଇଲରେ କାର୍ଯ୍ୟାଦେଶ ନମ୍ବର ପ୍ରଥମଟି ୩୧୯୦୭୦୦୩୦୩୪/ଆର୍‌ସି/୧୦୫୬୭୪ ୯୧ ଏବଂ ଦ୍ୱିତୀୟଟି ୨୪୧୯୦୦୭୦୩୪/ ଆର୍‌ସି/୧୦୫୬୯୧ ୪୯୨ ମାଧ୍ୟମରେ ବ୍ୟାପକ ଜାଲିଆତି କରିଥିବା ହସ୍ତଗତ ହୋଇଥିବା ନଥିପତ୍ରରୁ ସ୍ପଷ୍ଟ ହୋଇଛି। ସମ୍ପୃକ୍ତ ସ୍ଥାନରେ କୌଣସି ପ୍ରକୃତ ଶ୍ରମିକ କାର୍ଯ୍ୟ କରି ନ ଥିବାବେଳେ କାଗଜପତ୍ରରେ ୭୯ ଜଣ ଶ୍ରମିକଙ୍କ ନାମ ଦର୍ଶାଯାଇ ୧୨ ଦିନର ପାରିଶ୍ରମିକ ବାବଦକୁ ପ୍ରାୟ ଅଢ଼େଇ ଲକ୍ଷ (୨,୫୦,୦୦୦) ଟଙ୍କା ହରିଲୁଟ୍ କରାଯାଇଛି। ସରକାରୀ ବ୍ୟବସ୍ଥାକୁ ଅଖାଡ଼ାରେ ରଖି ଏଭଳି ଜାଲ୍ ମାଷ୍ଟରରୋଲ୍ ପ୍ରସ୍ତୁତ କରାଯିବା ପ୍ରଶାସନିକ ସ୍ୱଚ୍ଛତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖାଲି ସାହସପୁର ନୁହେଁ, ଏମିତି ଧାମନଗରରେ ବହୁ ପଞ୍ଚାୟତ ଗଡ଼ିଆଳି, ଗୋବିନ୍ଦପୁର, ଦଉପୁର, ଚୁଡ଼ାକୁଟି, ଭଟସାହି, ନଡାଗାଁ, ବଳକୁରା, ବୟାଳଗଡିହ ଆଦି ସ୍ଥାନରେ ଶ୍ରମିକ ସ୍ଥାନରେ ମେସିନ୍ କାମ କରି ହରିଲୁଟ୍ ଚାଲିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ମହାଘୋଟାଲାର ସତ୍ୟାସତ୍ୟ ଅନୁସନ୍ଧାନ କରି ପ୍ରକୃତ ଦୋଷୀମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏଥିସହିତ ସରକାର, ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଏହି ସମ୍ବେଦନଶୀଳ ଦୁର୍ନୀତି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

## ରଘୁନାଥପୁରରେ ବିଜେଡିର ମିଶ୍ରଣ ପର୍ବ



ବାରିକପୁର,୧୧।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ପଞ୍ଚାୟତ ରଘୁନାଥପୁର ୧୩ ନମ୍ବର ୱାର୍ଡଠାରେ ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୧୦ଟି ପରିବାର ସଦସ୍ୟମାନେ ଅନ୍ୟ ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ୍ ହୋଇଛନ୍ତି। ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହିତ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ଦକ୍ଷ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ବିଜେଡିରେ ମିଶିଥିବା ସଦସ୍ୟମାନେ କହିଛନ୍ତି। ବିଧାୟକ ଶ୍ରୀ ମଲ୍ଲିକ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ବ୍ଲକ୍ ସଭାପତି ଲକ୍ଷ୍ମୀଧର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ପ୍ରତ୍ୟୁଷ ସାମଲ, ଭାଗିରଥି ପରିଡ଼ାଙ୍କ ସମେତ ଗ୍ରାମର ପ୍ରମୁଖ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

## ଅଟୋକୁ ଧକ୍କା ଦେଲା ବସ୍; ୨ ଆହତ



ବାରିକପୁର,୧୧।୬(ସମିସ): ଭଣ୍ଡାରିପୋଖରୀ ଥାନା ୧୬ ନମ୍ବର ଜାତୀୟ ରାଜପଥର ପାଳଦା ବାଙ୍କ ନିକଟସ୍ଥ ଚକବନ୍ଦୀ ଛକଠାରେ ଗୁରୁବାର ଏକ ଦୁର୍ଘଟଣା ଘଟିଛି। ପ୍ରାପ୍ତ ସୂଚନା ମୁତାବକ, ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ଭଦ୍ରକ ପଟୁ ଏକ ଅଟୋ ଭଣ୍ଡାରିପୋଖରୀ ଅଭିମୁଖେ ଆସୁଥିଲା। ଏହି ସମୟରେ ପଶ୍ଚିମବଙ୍ଗରୁ ତାମିଲନାଡୁ ଶ୍ରମିକ ନେଇ ଯାଉଥିବା ଏକ ବସ୍ ଅଟୋ ପଛରୁ ଧକ୍କା ଦେଇଥିଲା। ଫଳରେ ଅଟୋ ଚାଳକ ସମେତ ଜଣେ ମହିଳା ଆହତ ହୋଇଛନ୍ତି। ଆହତ ଦ୍ୱୟଙ୍କୁ ଭଦ୍ରକ ମେଡିକାଲ ପଠାଯାଇଛି। ସ୍ଥାନୀୟ ପୁଲିସ ବସ୍ ଓ ଅଟୋକୁ ଜବତ କରିଥିବା ଜଣାପଡ଼ିଛି।

## ବ୍ୟବସାୟୀଙ୍କ ପରଲୋକ

ବାରିକପୁର,୧୧।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ରାଢୋ ରାମନବମୀ ବ୍ୟବସାୟୀ ସଂଘର ବରିଷ୍ଠ ସଦସ୍ୟ ଦିବାକର ଲେଙ୍କାଙ୍କ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ଧରି ଅସୁସ୍ଥ ଥିବାବେଳେ କଟକ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେ ଦୀର୍ଘ ବର୍ଷ ଧରି ରାଢୋ ବଜାରଠାରେ ରାସନ ଦୋକାନ ଦେଇଥିଲେ। ସେ ଜଣେ ମେଳାପୀ, ମିଷ୍ଟଭାଷୀ ଓ ଆଧ୍ୟାତ୍ମିକବାଦୀ ବ୍ୟକ୍ତି ଭାବେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ମୃତ୍ୟୁ ଖବର ପାଇ ବଜାର କମିଟି ସଦସ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ତାଙ୍କ ବାସଭବନଠାରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## କଂଗ୍ରେସର ସାଂଗଠନିକ ବୈଠକ



ବନ୍ତ/ଆଗରପଡ଼ା,୧୧।୬(ସମିସ): ଆଗରପଡ଼ା ୧୪ ନଂ ଜୋନ୍ ଅଧୀନ ଅଣିଜୋ ଗ୍ରାମ ପଞ୍ଚାୟତରେ ପ୍ରଥମେ ପର୍ଯ୍ୟାୟରେ ଜୋନ୍ ସଭାପତି ରବିନାରାୟଣ ମହାନ୍ତି ଓ ଜିଲ୍ଲା ଉପସଭାପତି ସତ୍ୟବାନ ଦାସଙ୍କ ନେତୃତ୍ୱରେ କଂଗ୍ରେସ ତରଫରୁ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଣିଜୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ଜଗବନ୍ଧୁ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସଂଗଠନର ସଦସ୍ୟମାନଙ୍କ ସହ ଜନସମସ୍ୟା ଓ ବିକାଶମୂଳକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସେହିପରି ବହୁ ନୂତନ କର୍ମୀ ଅନ୍ୟ ଦଳ ପରିତ୍ୟାଗ କରି କଂଗ୍ରେସ ଦଳ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସରେ ସାମିଲ୍ ହୋଇଥିଲେ। ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରାଯାଇ ସଂଗଠନକୁ ଆହୁରି ସୁଦୃଢ଼ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏଥି ସହ ଅଣିଜୋ ପଞ୍ଚାୟତ ନୂତନ କଂଗ୍ରେସ କମିଟି ଗଠନ କରାଗଲା। ସଭାପତି ଭାବେ ପ୍ରହଲ୍ଲାଦ ଜେନା, କାର୍ଯ୍ୟକାରୀ ସଭାପତି ଭାବେ ସୁବ୍ରତ ପଣ୍ଡା ଓ ଉପସଭାପତି ଭାବେ ନିରଞ୍ଜନ ନାୟକଙ୍କୁ ଚୟନ କରାଗଲା। ଏଥିରେ ବନ୍ତ ବ୍ଲକ୍ ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ମହେଶ୍ୱର ଦାସ ଓ ଜୋନ୍ ଯୁବ ସଂଗଠକ ପ୍ରକାଶ ମହାକୁଡ଼ଙ୍କ ସମେତ ପୁରୁଷଣ୍ଡ ପଞ୍ଚାୟତର ବରିଷ୍ଠ ନେତୃବୃନ୍ଦ କାର୍ତ୍ତିକ ଜେନା ଯୋଗଦେଇଥିଲେ।

## 'ମୋ ଗାଁରେ ମୋ ତହସିଲ୍' ଅଭିଯାନ ଓ ରାଜସ୍ୱ ସେବା ପ୍ରଦାନ

ଧାମନଗର,୧୧।୬(ସମିସ): ଧାମନଗର ତହସିଲ୍ ଅନ୍ତର୍ଗତ ରଇପୁର ରାଜସ୍ୱ ସର୍କଲର କଣ୍ଟିକା ଗ୍ରାମସ୍ଥିତ ୟୁଜିଏମ୍ଇ ବିଦ୍ୟାଳୟ ପରିସରରେ ରାଜସ୍ୱ ବିଭାଗ ପକ୍ଷରୁ ''ମୋ ଗାଁରେ ମୋ ତହସିଲ୍' ଅଭିଯାନ ସହ କ୍ୟାମ୍ପ୍ କୋର୍ଟରେ ରାଜସ୍ୱ ସେବା



ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଧାମନଗର ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁ ଯୋଗଦେଇ ଜନସାଧାରଣଙ୍କ ଜମିଜମା ସମ୍ପର୍କିତ ମାମଲାର ଶୁଣାଣି କରି ତତ୍କାଳ ସମାଧାନ କରିଛନ୍ତି। ଅତିରିକ୍ତ ତହସିଲ୍‌ଦାର ସାଇ ସିଲୋନା, ସୁପରଭାଇଜର ଧର୍ମପଦ ସାହୁ, ରଇପୁର ରାଜସ୍ୱ ନିରୀକ୍ଷକ ଶକ୍ତିରଞ୍ଜନ ମଲ୍ଲିକ ଉପସ୍ଥିତ ରହି ବିଭିନ୍ନ ମାମଲାର ଯାଞ୍ଚ ଓ ସମାଧାନ ପ୍ରକ୍ରିୟାରେ ସହଯୋଗ କରିଥିଲେ। ତହସିଲ୍ କାର୍ଯ୍ୟାଳୟର ଦୁଇ ଜଣ ଡାଟାଏଣ୍ଟ୍ରି ଅପରେଟର ପୁଷ୍ପାରାଣୀ ସାହୁ ଓ ଆଶିଷ କୁମାର ଜେନା ମଧ୍ୟ ଶିବିରରେ ଉପସ୍ଥିତ ରହି ସହଯୋଗ କରିଥିଲେ। ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ କଣ୍ଟିକା ଓ ଏହାର ଆଖପାଖ ଅଞ୍ଚଳର ବହୁ ଗ୍ରାମବାସୀ ଯୋଗଦେଇ ସମୁଦାୟ ୭୧ ଅଭିଯୋଗରୁ ୨୧ଟିର ସମାଧାନ କରିଥିଲେ। ଏହାଛଡ଼ା ଜମିର ଭୁଲ୍ ଖାତା/ପଟ୍ଟା ସଂଶୋଧନ ପାଇଁ ନୂତନ ଦରଖାସ୍ତ ଗ୍ରହଣ କରାଯିବା ସହ ପୂର୍ବରୁ ସଂଶୋଧିତ ହୋଇଥିବା ପଟ୍ଟାଗୁଡ଼ିକୁ ବଣ୍ଟନ କରାଯାଇଥିଲା। 'ବସୁନ୍ଧରା' ଯୋଜନାରେ ଭୂମିହୀନମାନଙ୍କଠାରୁ ଆବେଦନପତ୍ର ଗ୍ରହଣ କରାଯାଇ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ଜମିଜମା ସଂକ୍ରାନ୍ତୀୟ ସୀମା ନିର୍ଦ୍ଧାରଣ ସମସ୍ୟା ଏବଂ ଅମିନ ମାପଚୁପ ମାମଲାର ତୁରନ୍ତ ଫଇସଲା କରାଯାଇଥିଲା। ବିଭିନ୍ନ ସମସ୍ୟା ସରକାରୀ ପ୍ରମାଣପତ୍ରର ଅନୁମୋଦନ କରାଯିବା ସହ ଦୀର୍ଘଦିନରୁ ପଡ଼ିରହିଥିବା ବେବନ୍ଦୋବସ୍ତ ମୋକଦ୍ଦମା ଏବଂ ଅନ୍ୟାନ୍ୟ ରାଜସ୍ୱ ମାମଲାଗୁଡ଼ିକର ତ୍ୱରିତ ସମାଧାନ କରାଯାଇଥିଲା।

## ଆପ୍ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି

ଭଦ୍ରକ,୧୧।୬(ସମିସ): ଭଦ୍ରକ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ ଗୁରୁବାର ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା। ପରେ ପାର୍ଟିର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ସମ୍ପର୍କରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ କୁହାଯାଇଛି, ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଇଥିବା ବେଳେ ଏହି ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମ୍ପୃକ୍ତି ରହୁଥିବା ନେଇ ଅଭିଯୋଗ ଉଠାଇ ସାରା ଭାରତ ବର୍ଷରେ ପ୍ରତିବାଦର ସ୍ୱର ଉଠୁଛି। ଶ୍ରୀ ପ୍ରଧାନ ଶିକ୍ଷାମନ୍ତ୍ରୀ ପଦରୁ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆପ୍‌ର ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ମଲ୍ଲିକ ପ୍ରକାଶ କରିଛନ୍ତି। ଶ୍ରୀ ମଲ୍ଲିକଙ୍କ ନେତୃତ୍ୱରେ ଗୁରୁବାର ଏହି ପ୍ରତିବାଦ ଓ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ଜିଲ୍ଲା ସମ୍ପାଦକ ସୁରେଶ ମହାପାତ୍ର, ଉପଦେଷ୍ଟା ସିଦ୍ଧାର୍ଥ ମହାନ୍ତି, ଜିଲ୍ଲା ପ୍ରବକ୍ତା ବିଜୟ ରାଉତ, ଜିଲ୍ଲା କୋଷାଧ୍ୟକ୍ଷ ନବକିଶୋର ସିଂହ, ବିକାଶ ଯେନା, ସାଇ ଗୋପିନାଥ ପଣ୍ଡା, ଆଶିଷ ବେହେରା, ଅନିଲ ପୁହାଣ, ପ୍ରଶାନ୍ତ ଦାସ, ବିଚିତ୍ର ଦେ, ଜଗନ୍ନାଥ ସାହୁ, ମନୋଜ ପଣ୍ଡା ପ୍ରମୁଖ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**● ଚରମ ସୀମାରେ ଜନପ୍ରତିନିଧିଙ୍କ ଦାଦାଗିରି; ଲୋକେ ଅସନ୍ତୁଷ୍ଟ**

## ସରକାରୀ କର୍ମଚାରୀଙ୍କୁ ମାଡ଼; ସରପଞ୍ଚଙ୍କ ନାଁରେ ମାମଲା

ଧାମନଗର,୧୧।୬(ସମିସ): ଧାମନଗର ବ୍ଲକ୍‌ରେ ଜନପ୍ରତିନିଧିଙ୍କ ଦାଦାଗିରି ଚରମ ସୀମାରେ ପହଞ୍ଚିଛି। ରାଧାବଲ୍ଲଭପୁର ପଞ୍ଚାୟତର ସରପଞ୍ଚ ପ୍ରୀତମ୍ ଦାସ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ଜଣେ ଜଳସମ୍ପଦ ବିଭାଗର କର୍ମଚାରୀଙ୍କୁ ଅମାନୁଷିକ ଭାବେ ମାଡ଼ ମାରିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଭଳି ଏକ ସଙ୍ଗୀନ ମାମଲା ସାମ୍ନାକୁ ଆସିଛି। ଏ ଘଟଣାରେ ସରପଞ୍ଚଙ୍କ ନାଁରେ ଏକ ମାମଲା ରୁଜୁ ହୋଇଥିବାବେଳେ



ସରପଞ୍ଚଙ୍କ ପକ୍ଷରୁ ମଧ୍ୟ ସମ୍ପୃକ୍ତ ଜଳସମ୍ପଦ ବିଭାଗର କର୍ମଚାରୀଙ୍କ ନାଁରେ ପାଲଟା ଅଭିଯୋଗ କରାଯାଇଥିବା ଜଣାଯାଇଛି। ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାଯାଇଛି।

ସୂଚନା ଥାଉକି, ଗତ ୮ ତାରିଖ ସକାଳ ପ୍ରାୟ ୯ଟା ୧୦ରେ ଭଣ୍ଡାରିପୋଖରୀ ଜଳସେଚନ ବିଭାଗର ଅଫିସ କର୍ମଚାରୀ ରବୀନ୍ଦ୍ର କୁମାର ଲେଙ୍କା ପଣ୍ଡୁବଜାର ୪ ନମ୍ବର କେନାଲ ନିକଟସ୍ଥ ମାଙ୍କିଡ଼ିଆଠାରେ ସରକାରୀ ଦାୟିତ୍ୱ ସମ୍ପାଦନ କରୁଥିଲେ। ଏହି ସମୟରେ ଶାସକ ଦଳର ସରପଞ୍ଚ ପ୍ରୀତମ୍ ଦାସ ସେଠାରେ ପହଞ୍ଚି ବେଆଇନ ଭାବେ କାର୍ଯ୍ୟ ବନ୍ଦ କରିବାକୁ ଧମକ ଦେଇଥିଲେ। ରବୀନ୍ଦ୍ର ଏହାକୁ ବିରୋଧ କରିବାରୁ ସରପଞ୍ଚ ଉଗ୍ରରୂପ ଧାରଣ କରି ତାଙ୍କୁ ସର୍ବସମ୍ମୁଖରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ସେଠାରୁ ନ ଗଲେ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ଭଣ୍ଡାରିପୋଖରୀ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ କିରଣବାଳା ପରିଡ଼ା ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ସମ୍ପୃକ୍ତ ସରପଞ୍ଚଙ୍କ ବିରୋଧରେ କେସ୍ ନମ୍ବର ୨୫୪/୮.୬.୨୦୨୬ରେ ମାମଲା ରୁଜୁ କରିବେଳେ ଅପରପକ୍ଷେ ସରପଞ୍ଚ ପ୍ରୀତମ୍ ଦାସଙ୍କ ଅଭିଯୋଗ କ୍ରମେ ଥାନା କେସ୍ ନମ୍ବର ୨୫୫/୨୬ରେ ପାଲଟା ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଛି।

ସୂଚନାଯୋଗ୍ୟ ଯେ, ସରପଞ୍ଚ ପ୍ରୀତମ୍ ଦାସଙ୍କ ଏଭଳି ଆଇନ ହାତକୁ ନେବା ପ୍ରଥମ ଘଟଣା ନୁହେଁ। ଏହା ପୂର୍ବରୁ ମଧ୍ୟ ତାଙ୍କ ନାମରେ ଧାମନଗର ଥାନାରେ ଏକାଧିକ ସଙ୍ଗୀନ ମାମଲା ରହିଛି। ଯାହା ବର୍ତ୍ତମାନ ସ୍ଥାନୀୟ କୋର୍ଟରେ ବିଚାରାଧୀନ ଅଛି। ସେଗୁଡ଼ିକ ମଧ୍ୟରେ ୨୦୨୪ ମସିହାରେ ବେଆଇନ ଅଟକ ଓ ଧମକ ମାମଲା (ନଂ ୪୦୪/୨୦୨୪) ଚୂଡ଼ାନ୍ତ ପର୍ଯ୍ୟାୟରେ ଥିବାବେଳେ, ୨୦୨୫ରେ ଗାଳିଗୁଲଜ ଓ ଜୀବନରୁ ମାରିଦେବା ଧମକ ଭଳି ଆଉ ଏକ ଗୁରୁତର ମାମଲା (ନଂ ୧୨୭/୨୦୨୫) ବର୍ତ୍ତମାନ କୋର୍ଟ ହାଜିରା ପର୍ଯ୍ୟାୟରେ ରହିଛି। ଏହି ଦୁଇଟିଯାକ ମାମଲାର ଶୁଣାଣି ଆସନ୍ତା ଜୁଲାଇ ଓ ଅଗଷ୍ଟ ମାସରେ ହେବାକୁ ଦିନ ଧାର୍ଯ୍ୟ ହୋଇଛି। ଜଣେ ଦାୟିତ୍ୱବାନ ଜନପ୍ରତିନିଧି ହୋଇ ବାରମ୍ବାର ଆଇନକୁ ଉଲ୍ଲଂଘନ କରିବା ଏବଂ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କ ଉପରକୁ ହାତ ଉଠାଇବା ଘଟଣାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତା ତୀବ୍ର ନିନ୍ଦା କରିଛନ୍ତି। ଏହି ନୂତନ ମାମଲା ପରେ ପୁଲିସ ସରପଞ୍ଚଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ତେବେ ଘଟଣାର ତଦନ୍ତ ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଶୁଭ୍ରଜିତ ଦାଶ କହିଛନ୍ତି।

**ସରକାରୀ ରାସ୍ତା ଅବରୋଧର ପ୍ରତିବାଦ**

## ଥାନାରେ ଧାରଣା ଦେଲେ ପଞ୍ଚାୟତବାସୀ

ଭଦ୍ରକ,୧୧।୬(ସମିସ): ସରକାରୀ ଜାଗାରେ ରାସ୍ତା ନିର୍ମାଣକୁ ବିରୋଧ କରିବା ସହ ଗ୍ରାମବାସୀଙ୍କୁ ଧମକ ପ୍ରତିବାଦରେ ଥାନାରେ ଧାରଣାରେ



ବସିଲେ ଦୁଇଟି ପଞ୍ଚାୟତର ବାସିନ୍ଦା। ଏମିତି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅନ୍ତର୍ଗତ ପୀରହାଟ ଥାନାରେ।

ସୂଚନା ମୁତାବକ, ତିଆଡ଼ି ସାହି ଗ୍ରାମର ଜନୈକ ବ୍ୟକ୍ତି ଗାଁ ରାସ୍ତାକୁ ନିଜ ଜାଗା କହି ଘର ନିର୍ମାଣ କରୁଥିଲେ। ଯାହାକୁ ଗ୍ରାମବାସୀ ବିରୋଧ କରିବା ସହ ରାସ୍ତା ନିର୍ମାଣ କରିଥିଲେ। କାରଣ ଉକ୍ତ ରାସ୍ତା ଦେଇ ଦୁଇଟି ପଞ୍ଚାୟତର ଲୋକ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାତାୟାତ କରୁଥିବା ବେଳେ ପିଲାମାନେ ମଧ୍ୟ ବିଦ୍ୟାଳୟକୁ ଯାଇଥା'ନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ର ଓ ବିଦ୍ୟାଳୟକୁ ଯାତାୟାତ ରାସ୍ତା ନିର୍ମାଣ ହୋଇସାରିବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ହିଂସାପରାୟଣ ହୋଇ ଗୁଣ୍ଡା ଲଗାଇ ପଞ୍ଚାୟତର ଲୋକଙ୍କୁ ଗାଳିଗୁଲଜ କରିବା ସହ ମାରିଦେବାକୁ ଧମକ ଦେଉଥିବା ଅଭିଯୋଗ କରିଛନ୍ତି ଲୋକେ। ଏମିତି କି ପଞ୍ଚାୟତରୁ ବିନ୍ଧାବଜାର ଆସିବା ରାସ୍ତାରେ ଏକ ବୋଲେରୋ ଗାଡ଼ିରେ ମାରଣାସ୍ତ୍ର ଧରି କିଛି ଗୁଣ୍ଡା ଜଗାଇ ସାଧାରଣ ଲୋକଙ୍କୁ ଧମକଚମକ ଦେଇଥିବା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ଦୁଇଟି ପଞ୍ଚାୟତର ଶହଶହ ଲୋକ ପୀରହାଟ ଥାନା ସମ୍ମୁଖରେ ଧାରଣାରେ ବସିବା ସହ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଥିଲେ। ପୀରହାଟ ଥାନା ଅଧିକାରିଣୀ ଉକ୍ତ ଘଟଣାକୁ ଗୁରୁତ୍ୱର ସହ ନେଇ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

**● ମଦ ଦୋକାନ ଉଚ୍ଛେଦ ଦାବି**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବ 'ରାଜ୍ୟ ନିଶା ନିବାରଣ ସଂଗଠନ'

ଅସୁରାଳି,୧୧।୬(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଗଢ଼ି ଉଠିଥିବା ଏବଂ ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ କରି ଆନ୍ଦୋଳନ ତେଜିବାରେ ଲାଗିଛି। ସ୍ଥାନୀୟ ଜନସାଧାରଣଙ୍କ ସୁରକ୍ଷା ଓ ସହିଦଙ୍କ ସମ୍ମାନକୁ ଆଖିରେ ରଖି ତୁରନ୍ତ ଏହି ମଦ ଦୋକାନଗୁଡ଼ିକୁ ହଟାଇବା ଦାବିରେ 'ରାଜ୍ୟ ନିଶା ନିବାରଣ ସଂଗଠନ' ପକ୍ଷରୁ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ପ୍ରାପ୍ତ ସୂଚନା ଅନୁଯାୟୀ, ଧୂଷୁରୀ-ହସନାବାଦ ରାସ୍ତାକଡ଼ରେ ଉଭୟ ଦେଶୀ ଓ ବିଦେଶୀ ମଦଭାଟି ଗଢ଼ି ଉଠିଛି। ଏହି ପ୍ରମୁଖ ରାସ୍ତା ଦେଇ ପ୍ରତିଦିନ ଶହ ଶହ ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଯାତାୟାତ କରିଥା'ନ୍ତି। ମଦଭାଟି ଯୋଗୁଁ ଏଠାରେ ଅସାମାଜିକ ଲୋକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବାରୁ ମହିଳା ଓ ସ୍କୁଲ, କଲେଜ ଯାଉଥିବା ଛାତ୍ରଛାତ୍ରୀମାନେ ଅସୁରକ୍ଷିତ ମଣୁଛନ୍ତି ଏବଂ ପ୍ରତିଦିନ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ, ଅସୁରାଳିଠାରେ ଥିବା ସରକାରୀ ମଦ ଦୋକାନକୁ ନେଇ ମଧ୍ୟ ତୀବ୍ର ଜନଅସନ୍ତୋଷ ଦେଖାଦେଇଛି। ଏହି ମଦ ଦୋକାନଟି ମଙ୍ଗଳପୁର-ସହିଦନଗର ରାସ୍ତାରେ ଅବସ୍ଥିତ। ଦେଶର ସ୍ୱାଧୀନତା ପାଇଁ ପ୍ରାଣବଳୀ ଦେଇଥିବା ବୀର ପୁରୁଷଙ୍କ ପବିତ୍ର ଜନ୍ମମାଟି ତଥା ଦେଶର ଗୌରବ ବହନ କରୁଥିବା 'ସହିଦନଗର ପୀଠ' ଏହି ମଦ ଦୋକାନଠାରୁ ମାତ୍ର ୬୦୦ ମିଟର ଦୂରତାରେ ରହିଛି। ମଦ ଦୋକାନ ଯୋଗୁଁ ଏହି ସମଗ୍ର ଅଞ୍ଚଳ ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି, ଯାହାକି ପବିତ୍ର ସହିଦ ପୀଠ ପ୍ରତି ଏକ ଗଭୀର ଅବମାନନା ଓ ଅପମାନ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଶିକ୍ଷାନୁଷ୍ଠାନ ଏବଂ ସହିଦ ସ୍ମୃତି ପୀଠ ନିକଟରେ ସରକାର କେଉଁ ଆଧାରରେ ମଦ ଦୋକାନ ପାଇଁ ଅନୁମତି ଦେଉଛନ୍ତି, ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ତୁରନ୍ତ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ ମଦ ଦୋକାନଗୁଡ଼ିକୁ ସେଠାରୁ ଉଚ୍ଛେଦ ନ କଲେ 'ରାଜ୍ୟ ନିଶା ନିବାରଣ ସଂଗଠନ'ର ମହିଳା ରାଜ୍ୟ ସଭାପତି ବିମଳା ନାଥ, ରାଜ୍ୟ ମହିଳା ସମ୍ପାଦିକା ସସ୍ମିତା ଦାସ ପ୍ରମୁଖ ସ୍ଥାନୀୟ ଲୋକଙ୍କୁ ସାଥିରେ ନେଇ ଜିଲ୍ଲାପାଳଙ୍କ ଅଫିସ ଆଗରେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ସଂଗଠନ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି।

## ଭଦ୍ରକ ନେହେରୁ ଷ୍ଟାଡିୟମ୍ ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ

ଭଦ୍ରକ,୧୧।୬(ସମିସ)

ଭଦ୍ରକ ସହରର ପ୍ରମୁଖ କ୍ରୀଡ଼ା କେନ୍ଦ୍ର ନେହେରୁ ଷ୍ଟାଡିୟମ୍‌ର ବହୁ ପ୍ରତୀକ୍ଷିତ ଉନ୍ନତୀକରଣ ଓ ବିକାଶ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଗୁରୁବାର ଆଡ଼ମ୍ବରପୂର୍ଣ୍ଣ ଓ ଉତ୍ସାହପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୨୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଷ୍ଟାଡିୟମ୍‌ର ସମଗ୍ର ଉନ୍ନତୀକରଣ କରାଯିବାକୁ ଥିବାବେଳେ ଏହାକୁ ଜିଲ୍ଲାର କ୍ରୀଡ଼ା ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଇଛି। ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର ଓ ଏଚ୍‌ଏସ୍‌ସିଏଲ୍‌ର ବରିଷ୍ଠ ଯନ୍ତ୍ରୀ ଯତୀନ୍ଦ୍ର ବେହେରାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ,



**● ୨୩.୫୦ କୋଟି ଟଙ୍କା ବ୍ୟୟବରାଦ**
**● ରାଜ୍ୟର ଅନ୍ୟତମ ପ୍ରମୁଖ କ୍ରୀଡ଼ା କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ଲକ୍ଷ୍ୟ**

କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଆଧୁନିକ ଖେଳ ସୁବିଧା, ଉନ୍ନତ ଭିତ୍ତିଭୂମି ଓ ଖେଳାଳିମାନଙ୍କ ପାଇଁ ସମସ୍ତ ଆବଶ୍ୟକୀୟ ସୁବିଧା ସହ ନେହେରୁ ଷ୍ଟାଡିୟମ୍‌କୁ ଏକ ଆଦର୍ଶ କ୍ରୀଡ଼ା କେନ୍ଦ୍ରରେ ପରିଣତ କରାଯିବ। ରାଜ୍ୟ ସରକାର କ୍ରୀଡ଼ା କ୍ଷେତ୍ରର ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଉଥିବାବେଳେ ଭଦ୍ରକ ସମେତ ପ୍ରତ୍ୟେକ ଜିଲ୍ଲା ଓ ବ୍ଲକ୍‌ରେ କ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ସାଂସଦ ଶ୍ରୀ ସେଠୀ ଜିଲ୍ଲାର କ୍ରୀଡ଼ା କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଓ ସମନ୍ୱୟର ଆହ୍ୱାନ ଜଣାଇଥିଲେ।

ଭଦ୍ରକ ବିଧାୟକ ଶ୍ରୀ ମହାପାତ୍ର ଏହି ପ୍ରକଳ୍ପକୁ ଭଦ୍ରକର କ୍ରୀଡ଼ା ଇତିହାସରେ ଏକ ମାଇଲଖୁଣ୍ଟ ବୋଲି ଅଭିହିତ କରିଥିଲେ। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଜିଲ୍ଲାର ଯୁବ ଖେଳାଳିମାନେ ଉନ୍ନତ ପ୍ରଶିକ୍ଷଣ ଓ ପ୍ରତିଯୋଗିତା ସୁବିଧା ପାଇବା ସହ ଭଦ୍ରକ ଏକ ପ୍ରମୁଖ କ୍ରୀଡ଼ା କେନ୍ଦ୍ର ଭାବେ ପରିଚିତ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ମହାପାତ୍ର ପ୍ରସ୍ତାବିତ ଉନ୍ନତୀକରଣ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ପ୍ରକଳ୍ପ ମାଧ୍ୟମରେ ଷ୍ଟାଡିୟମ୍‌ରେ ଆଧୁନିକ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି, ଖେଳ ପଡ଼ିଆର ଉନ୍ନତି ଏବଂ ଖେଳାଳିମାନଙ୍କ ପାଇଁ ଉନ୍ନତ ପ୍ରଶିକ୍ଷଣ ସୁବିଧା ଯୋଗାଇ ଦିଆଯିବ। ଏହା ଜିଲ୍ଲାରେ କ୍ରୀଡ଼ା ପ୍ରତିଭାର ବିକାଶ ଓ ରାଜ୍ୟ ତଥା ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜନର ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଥିଲେ। ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବାବେଳେ, ଏଚ୍‌ଏସ୍‌ସିଏଲ୍‌ର ବରିଷ୍ଠ ଯନ୍ତ୍ରୀ ଯତୀନ୍ଦ୍ର ବେହେରା ପ୍ରକଳ୍ପର ବୈଷୟିକ ଦିଗ ଓ ଉନ୍ନତୀକରଣ ଯୋଜନା ଉପସ୍ଥାପନା କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କାଦମ୍ବରୀ କରଶର୍ମା ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନେହେରୁ ଷ୍ଟାଡିୟମ୍‌ର ଏହି ଉନ୍ନତୀକରଣ ପ୍ରକଳ୍ପ ଭଦ୍ରକ ଜିଲ୍ଲାର କ୍ରୀଡ଼ା କ୍ଷେତ୍ରକୁ ନୂତନ ଗତି ପ୍ରଦାନ କରିବା ସହ ଯୁବ ଖେଳାଳିମାନଙ୍କ ପାଇଁ ଉନ୍ନତ ପ୍ରଶିକ୍ଷଣ ଓ ପ୍ରତିଯୋଗିତାର ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଉପସ୍ଥିତ କ୍ରୀଡ଼ାପ୍ରେମୀମାନେ ମତ ପ୍ରକାଶ କରିଥିଲେ।

## ମତ୍ସ୍ୟ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ସୋର, ୧୧।୬(ସମିସ): ସୋର ପୌର ପାଳିକା ଅନ୍ତର୍ଗତ ଷ୍ଟେସନ ଛକସ୍ଥିତ ରୟାଲ ହୋଟେଲ ସଭାଗୃହରେ ମାଛ ଚାଷୀଙ୍କୁ ନେଇ ମତ୍ସ୍ୟ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅତିରିକ୍ତ ମତ୍ସ୍ୟ ଅଧିକାରୀ ସୁବ୍ରତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଅନୁସୂୟା ମଳିକ, ଏଫଆଇଏସି ଅଧକ୍ଷ ଗିରିଧାରୀ ବେହେରା ଯୋଗ ଦେଇ ମତ୍ସ୍ୟ ଚାଷ ବାବଦରେ ଆଲୋଚନା କରିଥିଲେ। ପ୍ରଶିକ୍ଷକ ଭାବେ ଔପଦା ଅତିରିକ୍ତ ମତ୍ସ୍ୟ ଅଧିକାରୀ ରାହୁଲ ଦେବ ହେମ୍ରମ, ଔପଦା ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ମାନସ ରଞ୍ଜନ ହୋତା ଯୋଗଦେଇ ଉପସ୍ଥିତ ଚାଷୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ।ଅଗ୍ରଣୀ ଚାଷୀ ଚିନ୍ମୟ ମହାନ୍ତି, ଶ୍ରୀକାନ୍ତ ଜେନା, ଅଶ୍ୱିନୀ ପଟ୍ଟନାୟକ, ସଫଳ ଚାଷୀ ଯଦୁନାଥ ପଣ୍ଡା ମତ୍ସ୍ୟଚାଷୀଙ୍କ ବିଭିନ୍ନ ସମସ୍ୟା ବାବଦରେ ଉପସ୍ଥିତ ଅଧିକାରୀଙ୍କୁ ଅବଗତ କରାଇ ଥିଲେ। ଉପସ୍ଥିତ ଅଧିକାରୀ ମାନେ ଉକ୍ତ ସମସ୍ୟାକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ସୋର ବ୍ଲକର ବିଭିନ୍ନ ପଞ୍ଚାୟତରୁ ମାଛ ଚାଷୀ, ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ଏବଂ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଯୋଗ ଦେଇଥିଲେ। ସୋର କନିଷ୍ଠ ମତ୍ସ୍ୟ ଅଧିକାରୀ ଚନ୍ଦନ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଲେଶ୍ୱରରୁ ହାଇଦ୍ରାବାଦ; ଟ୍ରେନରେ ଭିଡ଼ ଅସମ୍ଭାଳ

# ଟିକଟ ପାଇଁ ମାସ ମାସ ଅପେକ୍ଷା, ଦଲାଲଙ୍କ ଦ୍ୱାରା ଶ୍ରମିକ ଶୋଷଣ

ବାଲେଶ୍ୱର, ୧୧।୬(ସମିସ)

ହାଇଦ୍ରାବାଦକୁ କାମ କରିବା ପାଇଁ ଯାଉଥିବା ବାଲେଶ୍ୱର ଜିଲ୍ଲାର ହଜାର ହଜାର ଲୋକ ଶୋଷଣର ଶିକାର ହେଉଛନ୍ତି। ଟ୍ରେନରେ ଟିକଟ ଖଣ୍ଡିଏ ମିଳିବା ବହୁତ କଷ୍ଟକର ବ୍ୟାପାର ହୋଇପଡ଼ିଛି। କ୍ଷମତାଠାରୁ ଦେଢଗୁଣା ଅଧିକ ଯାତ୍ରୀ ଯାତ୍ରା କରୁଛନ୍ତି, ଦଲାଲଙ୍କ ରାଜ୍ ଚାଲିଛି। ୧୨୭୦୩ ଫଲକନୁମା ଏକ୍ସପ୍ରେସରେ ଯାତ୍ରୀ ଅକୁପେନ୍ସି ୧୫୩% ରହୁଛି। ଅର୍ଥାତ୍ ୧୦୦ ସିଟ୍ ଥିଲେ ସେଠି ୧୫୩ ଜଣ ଯାତ୍ରା କରୁଛନ୍ତି। ୧୮୦୪୫ ଇଷ୍ଟ କୋଷ୍ଟ ଏକ୍ସପ୍ରେସରେ ଅକୁପେନ୍ସି ୧୪୬% ରହୁଛି। ସ୍ଲିପର ଓ ଏସି ସବୁ କୋଚରେ ୱେଟିଂ ଲିଷ୍ଟ ୩୦୦ ପାର୍ କରୁଛି। ବିଶେଷ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଚଳିତବର୍ଷ ମେ ମାସରେ ବାଲେଶ୍ୱର ରେଳ ଷ୍ଟେସନରୁ ମାତ୍ର ଦୁଇଟି ଟ୍ରେନରେ ୩, ୫୩୧ ଜଣ ଯାତ୍ରୀ ଯାତ୍ରା କରିଛନ୍ତି। ୧୮୦୪୫ ଇଷ୍ଟ କୋଷ୍ଟ ଏକ୍ସପ୍ରେସରେ ୧୫୭୬ ଯାତ୍ରୀ। ୨ଏ ରେ ୮୪ ଜଣ, ୩ଏ ରେ ୩୪୫ ଜଣ, ୩ଇ ରେ ୧୮୪ ଜଣ, ଏସ୍ ଏଲ୍ ରେ ୯୬୩ ଜଣ ଯାତ୍ରୀ ଯାତ୍ରା କରିଛନ୍ତି। ସେହିପରି ଇଷ୍ଟ କୋଷ୍ଟ ଏକ୍ସପ୍ରେସରେ ୧, ୯୫୫ ଜଣ ଯାତ୍ରୀ ଯାତ୍ରା କରିଛନ୍ତି। ବାଲେଶ୍ୱରରୁ ୧ଏ ରେ ୨୭ ଜଣ, ୨ଏ ରେ ୧୨୪ ଜଣ, ୩ଇ ୫୧୮ ଜଣ ଏବଂ ଏସ୍ ଏଲ୍ ରେ ୧, ୨୮୬ ଜଣ ଯାତ୍ରୀ ଯାତ୍ରା କରିଛନ୍ତି। ଦୁଇ ଟ୍ରେନରେ ମୋଟ ୩, ୫୩୧ ଯାତ୍ରୀଙ୍କ ମଧ୍ୟରୁ ୨, ୨୪୯ ଜଣ କେବଳ ସ୍ଲିପର କ୍ଲାସରେ ଯାତ୍ରା କରିଛନ୍ତି। ଟିକଟ୍ ଦାମ୍ ଠାରୁ ୨୦୦୦ ଟଙ୍କା ଅଧିକ। ଟିକେଟ୍ ଅଭାବର ଫାଇଦା ନେଇ ଦଲାଲମାନେ ସ୍ଲିପର ଟିକେଟର ଦାମ୍ ଠାରୁ ୨୦୦୦ ଟଙ୍କା ଅଧିକ ନେଉଛନ୍ତି। ଏସି ଟିକେଟର ଦାମ୍ ସହ ୧୮୦୦ ଟଙ୍କା ଅଧିକ ଦେବାକୁ ପଡୁଛି। ପେଟ ପାଇଁ ବାହାର ରାଜ୍ୟକୁ ଖଟିବାକୁ ଯାଉଥିବା ଗରିବ ଲୋକ ଆଜି ଶୋଷଣର ଶିକାର ହେଉଛନ୍ତି। ତତ୍କାଳ ପାଇଁ ଦଲାଲଙ୍କ ପାଖକୁ ଦୌଡୁଛନ୍ତି ଲୋକେ। ଟିକଟ ପାଇଁ ମାସ ମାସ ଲାଗୁଛି। ତଥାପି ଲୋକେ ପୋକ-ମାଛି ଭଳି ଯାଉଛନ୍ତି। ହାଇଦ୍ରାବାଦ ତତ୍କାଳ ଟିକେଟ ପାଇଁ ଟିକେଟ ଦାମ୍ ଠାରୁ ୧୮୦୦ରୁ ୨୦୦୦ ଟଙ୍କା ଅଧିକ ମାଗୁଛନ୍ତି। ବାଧ ହୋଇ ଅଧିକ ଦାମ୍ ଦେଇ ଟିକେଟ୍ କିଣୁଛନ୍ତି। ଆଇଆରସିଟିସି ଓ ରେଲୱାନ୍ ଆପ୍ ଫେଲ୍ ଯୋଗୁଁ ଯାତ୍ରୀ ହନ୍ତସନ୍ତ। ଆଇଆରସିଟିସି ଏବଂ ରେଲୱାନ୍ ଆପରେ ଟିକେଟ୍ କରିବା ସମୟ ୧୦/୧୧ ବେଳେ ୫/୭ ମିନିଟ୍ କାମ କରୁନି। ସକାଳେ ବୁକିଂ ଖୋଲିବା ମାତ୍ରେ ସର୍ଭର ଡାଉନ୍ ହୋଇଯାଉଛି। ୫-୭ ମିନିଟ୍ ପରେ ଖୋଲିଲା ବେଳକୁ ସବୁ ଟିକଟ୍ ସରିଯାଇଥାଏ। ଫଳରେ ସାଧାରଣ ଯାତ୍ରୀ ଟିକେଟ୍ ପାଇପାରୁନାହାନ୍ତି ଓ ନାହିଁ ନଥିବା ହନ୍ତସନ୍ତ ହେଉଛନ୍ତି। ସେଥିପାଇଁ ହାୱଡ଼ା-ହାଇଦ୍ରାବାଦ ମଧ୍ୟରେ ନୂଆ ଟ୍ରେନ୍ ଦାବି ହୋଇଛି। ବାଲେଶ୍ୱର ଜିଲ୍ଲାର ହଜାର ହଜାର ଲୋକ ହାଇଦ୍ରାବାଦ କାମ କରିବା ପାଇଁ ଯାଆନ୍ତି। ମାସକରେ କେବଳ ଦୁଇଟି ଟ୍ରେନରୁ ୩, ୫୦୦ରୁ ଅଧିକ ଯାତ୍ରୀ ବାଲେଶ୍ୱରରୁ ଯାତ୍ରା କରୁଥିବା ବେଳେ ସବୁ ଟ୍ରେନରେ ଅକୁପେନ୍ସି ୧୫୦ଧ ଉପରେ ରହୁଛି। ଏଥିରୁ ସ୍ପଷ୍ଟ ଯେ ହାୱଡ଼ା ରୁ ହାଇଦ୍ରାବାଦ ମଧ୍ୟରେ ବାଲେଶ୍ୱର ଦେଇ ଆଉ ଏକ ଟ୍ରେନ୍ ଚାଲିବାର ତୁରନ୍ତ ଆବଶ୍ୟକତା ରହିଛି। ସ୍ଥାନୀୟ ଲୋକ ଓ ଯାତ୍ରୀମାନେ ସାଂସଦ ଓ ବିଧାୟକଙ୍କୁ ଏନେଇ ବାରମ୍ବାର ଦାବିପତ୍ର ଦେଉଛନ୍ତି। ରେଳ ବିଭାଗ ଯଦି ଏହି ତଥ୍ୟକୁ ଦେଖି ତୁରନ୍ତ ପଦକ୍ଷେପ ନନିଏ, ତେବେ ଦଲାଲଙ୍କ ଦୌରାତ୍ମ୍ୟ ଓ ଯାତ୍ରୀଙ୍କ ହନ୍ତସନ୍ତ ବଢ଼ିଚାଲିବ।

## ଘର ଉପରେ ଗଛ ପଡ଼ିବାକୁ ନେଇ ଆକ୍ରମଣ, ୩ ଗିରଫ

ନୀଳଗିରି, ୧୧।୬ (ସମିସ): ନୀଳଗିରି ଉପଖଣ୍ଡ ଦକ୍ଷିଣ ନରସିଂହପୁର ପଞ୍ଚାୟତରେ ବୁଧବାର ଅପରାହ୍ନ ୫ଟା ସମୟରେ ହଠାତ୍ ପ୍ରବଳବେଗରେ ପବନ ବୋହିବା ସହିତ ବର୍ଷା ହୋଇଥିବା ବେଳେ ଉକ୍ତ ପଞ୍ଚାୟତ ପ୍ରତାପଡ଼ା ଗ୍ରାମର ମଙ୍ଗ ଓରଫ ମନୋଜ କୁମାର ମହାନ୍ତିଙ୍କ ବାଡିରେ ଥିବା ଗଛଟି ଶ୍ରୀଧର ରାଉତ ଙ୍କ ଛାତ ଉପରେ ପଡ଼ିଥିଲା। ଏହାକୁ ନେଇ ମଙ୍ଗୁ ଓ ଶ୍ରୀଧରଙ୍କ ମଧ୍ୟରେ ପ୍ରଥମେ ଯୁକ୍ତି ତର୍କ ଓ ପରେ ପାଟିତୁଣ୍ଡ ଉଗ୍ର ରୂପ ନେଇଥିଲା। ଏହି ସମୟରେ ପାଖ ପଡ଼ୋଶୀ ରତିକାନ୍ତ ରାଉତ୍ (୪୭), ଲକ୍ଷ୍ମୀକାନ୍ତ ରାଉତ୍ (୪୬) ଓ ଦିବ୍ୟଜ୍ୟୋତି ରାଉତ୍ (୩୪) ମନୋଜଙ୍କୁ ଆକ୍ରମଣ କରିବାରୁ ତାଙ୍କ ହାତରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ସଙ୍ଗେ ସଙ୍ଗେ ନୀଳଗିରି ଡାକ୍ତରଖାନା ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ। ଅବସ୍ଥା ଗୁରୁତର ହେବାରୁ ରେମୁଣା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଶ୍ରୀ ମହାନ୍ତିଙ୍କ ଅଭିଯୋଗକ୍ରମେ ନୀଳଗିରି ଥାନାରେ ୨୬୨/୨୬ ମାମଲା ରୁଜୁହୋଇ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଅପରପକ୍ଷରେ ଶ୍ରୀଧରଙ୍କ ସ୍ତ୍ରୀ ସୁବାସିନୀ ରାଉତଙ୍କୁ ମଙ୍ଗ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିବା ନେଇ ଏକ ଅଭିଯୋଗ ମୂଳେ ୨୬୩/୨୬ ନମ୍ବର ମାମଲା ରୁଜୁକରି ପୁଲିସ ତଦନ୍ତ କରୁଛି। ଗୁରୁବାର ମନୋଜଙ୍କୁ ଆକ୍ରମଣ ଘଟଣାରେ ରତିକାନ୍ତ, ଲକ୍ଷ୍ମୀକାନ୍ତ, ଓ ଦିବ୍ୟଜ୍ୟୋତିଙ୍କୁ କୋର୍ଟ ଚାଲାଣ କରାଯାଇ ଥିବା ବେଳେ ମନୋଜ ଏବେ ରେମୁଣା ମେଡିକାଲରେ ଚିକିତ୍ସାଧିନ ଅଛନ୍ତି।

## ସାଂସଦଙ୍କ ହସ୍ତକ୍ଷେପ ପରେ ହେଲା ବିଦ୍ୟୁତ୍ ସଂଯୋଗ

ଚନ୍ଦନେଶ୍ୱର, ୧୧।୬(ସମିସ): ବିଦ୍ୟୁତ ବିଭାଗର ଚରମ ଉଦାସୀନତା କାରଣରୁ ଭୋଗରାଇ ବ୍ଲକ କଖଡା ପଞ୍ଚାୟତ ଅଧୀନ ପୁରୁଷୋତ୍ତମପୁର ଗ୍ରାମର ଏକ ପରିବାର ଦୀର୍ଘ ତିନି ଦିନ ଧରି ଅନ୍ଧକାର ଓ ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଦୁର୍ଦ୍ଦଶା ଭୋଗିଥିଲେ। ଶେଷରେ ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ହସ୍ତକ୍ଷେପ ପରେ ପରିବାରଟି ପୁଣି ବିଦ୍ୟୁତ ସଂଯୋଗ ପାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଗତ ୭ ତାରିଖରେ କାଳବୈଶାଖୀ ଜନିତ ପ୍ରବଳ ପବନ ଓ ବର୍ଷାରେ ପ୍ରତିମା ବାରିକଙ୍କ ଘର ପରିସରରେ ଥିବା ଏକ ବଡ଼ ଗଛ ଭାଙ୍ଗି ପଡ଼ି ବିଦ୍ୟୁତ ତାର ଛିଣ୍ଡିଯିବା ସହ ଏକ ଖୁଣ୍ଟ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ବିଦ୍ୟୁତ ବିଭାଗ ଖୁଣ୍ଟ ପୋତି ତାର ସଂଯୋଗ ପୁନଃ ସ୍ଥାପନ କରିଥିଲେ ମଧ୍ୟ ପ୍ରତିମା ବାରିକଙ୍କ ଘରକୁ ବିଦ୍ୟୁତ ସଂଯୋଗ ଦେଇନଥିଲେ। ଏ ନେଇ ପରିବାର ଲୋକେ ବିଦ୍ୟୁତ ବିଭାଗର ଏସ୍‌ଡିଓ ଓ କନିଷ୍ଠ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ଅଧିକାରୀଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। ଏପରିକି ସ୍ଥାନୀୟ ସରପଞ୍ଚ ଓ ସମିତି ସଦସ୍ୟ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ, କିନ୍ତୁ କୌଣସି ସୁଫଳ ମିଳିନଥିଲା। ଶେଷରେ ଭୋଗରାଇ ବିଜେପି ନେତା ଆଶିଷ ପାତ୍ର ଘଟଣା ସମ୍ପର୍କରେ ବାଲେଶ୍ୱର ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କୁ ଅବଗତ କରାଇଥିଲେ। ସାଂସଦ ତୁରନ୍ତ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ବିଦ୍ୟୁତ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ପରେ ପରିବାରଟି ପୁଣି ବିଦ୍ୟୁତ ସଂଯୋଗ ପାଇଥିଲା।

## ଜଳେଶ୍ୱର-ରାଜଘାଟ ଓଟି ରୋଡ୍ ନବୀକରଣରେ ଜବରଦଖଲ ଅଡୁଆ

ଜଳେଶ୍ୱର ବ୍ଲକ, ୧୧।୬ (ସମିସ): ଜଳେଶ୍ୱର-ରାଜଘାଟ ଓଟିରୋଡ୍‌ର ନବୀକରଣ ସହ ପ୍ରଶସ୍ତୀକରଣ ପାଇଁ ପାଖାପାଖି ୨୫ କୋଟି ଟଙ୍କାର ପ୍ରକଳ୍ପ ଏବେ ଟେଣ୍ଡର ପର୍ଯ୍ୟାୟରେ ରହିଛି। ଏହି ପ୍ରକଳ୍ପ ପାଇଁ ଅଡୁଆ ସାଜିଛି। ଜଳେଶ୍ୱର ବଡ଼ବଜାର ଛକଠାରୁ ରାଜପୁର ଯାଏଅଞ୍ଚଳ ତେବେ ଏହି ଅଞ୍ଚଳର ଉଭୟ ପାର୍ଶ୍ୱ ଲୋକେ ଜବରଦଖଲ କରି ରଖିଛନ୍ତି। ସବୁଠାରୁ ବଡ଼କଥା ଜବରଦଖଲକାରୀଙ୍କ ଯୋଗୁଁ ରାସ୍ତାର ଉଭୟ ପଟେ ଥିବା ନୟନଯୋରିର ଚିହ୍ନବର୍ଣ୍ଣ ନାହିଁ। ଯାହା ଦ୍ୱାରା ଜଳ ନିଷ୍କାସନରେ ସମସ୍ୟା ହେଉଛି। ଆଉ ଏବେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟରେ ବାଧା ଉପୁଜିଛି। ଜବରଦଖଲ ଉଚ୍ଛେଦ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ରାଜସ୍ୱ ବିଭାଗକୁ ବିଗତ ଦିନରେ ଚିଠି ଲେଖାଯାଇଥିଲା। ସେହି ଚିଠି ଆଧାରରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ନିର୍ଦ୍ଦେଶରେ ଗତକାଲିଠାରୁ ଏକ ୧୪ ଜଣିଆ ଟିମ୍ ସର୍ଭେ ଆରମ୍ଭ କରିଛନ୍ତି। ଏହି ଟିମ୍‌ରେ ରେଭିନ୍ୟୁ ସୁପରଭାଇଜର ଶରତ ବେହେରା, ଗୋପାଳ ମାଝୀ, ଅମିନ ରାଜେଶ ସିଂହ, ଅକ୍ଷୟ ସିଂହ, ଆର୍‌ଆଇ ଜଗନ୍ନାଥ ପାତ୍ର, ଦେବାଞ୍ଜନ ମହାନ୍ତି, ଶାନ୍ତନୁ ପାଢ଼ୀ, ସରୋଜ କୁମାର ଭଞ୍ଜ, ନିଶିକାନ୍ତ ସିଂ, ରଞ୍ଜନ କୁମାର ପାଢ଼ୀ, ଶିବଶଙ୍କର ସେନାପତି ଓ ବିମଳ ସୋରେନ ପ୍ରମୁଖ ରହିଛନ୍ତି।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଆମ୍ ଆଦମୀ ପାର୍ଟି

ବାଲେଶ୍ୱର, ୧୧।୬(ସମିସ): ଦେଶରେ ନିଟ୍ ପ୍ରଶ୍ନ ପତ୍ର ଲିକ୍ ଏବଂ ସିବିଏସଇ ପରୀକ୍ଷା ପତ୍ର ମୂଲ୍ୟାଙ୍କନରେ ତ୍ରୁଟି ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦେଇଛନ୍ତି ଭାରତ



ସରକାର। ନିଟ୍ ପରୀକ୍ଷା ବାତିଲ ହେବା ପରେ ପ୍ରାୟ ୧୭ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ବାରମ୍ବାର ପେପର ଲିକ୍ ହେବାରୁ ଛାତ୍ରଛାତ୍ରୀ ମାନେ ଅସହ୍ୟ ଯନ୍ତ୍ରଣା ପାଉଥିଲେ ମଧ୍ୟ କେନ୍ଦ୍ର ସରକାର ନିରବଦ୍ରଷ୍ଟା ହୋଇ ବସିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପେପର ଲିକ୍ ଏବଂ ସିବିଏସଇ ଘୋଟାଲା ମାମଲାରେ କୌଣସି ପଦକ୍ଷେପ ନନେବା ଏବଂ ତାଙ୍କ ସମୟରେ ବାରମ୍ବାର ପେପର ଲିକ୍ ହେବା ତାଙ୍କର ଅଯୋଗ୍ୟପଣିଆ, ଏ ସମ୍ପର୍କିତ ଦୁର୍ନୀତିରେ ସଂଶ୍ଳିଷ୍ଟିକୁ ଦର୍ଶାଉଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ଚାରିଥର ପେପର ଲିକ ହେବା ଏବଂ ଅଭିଯୁକ୍ତଙ୍କର ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା, ପେପର ଲିକ୍ ଘୋଟଲା ରେ ଖୋଦ ମନ୍ତ୍ରୀ ଏବଂ ଅଧିକାରୀ ମାନଙ୍କର ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଆଜି ଆମ୍ ଆଦମୀ ପାର୍ଟି ପକ୍ଷରୁ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ଶିକ୍ଷାମନ୍ତ୍ରୀଙ୍କ ଯୋଗୁଁ ଅନେକ ମେଧାବୀ ଛାତ୍ରଛାତ୍ରୀ ପ୍ରାଣବଳୀ ଦେଇଥିଲେ ମଧ୍ୟ କ୍ଷମତା ନିଶାରେ କୌଣସି ଉତ୍ତରଦାୟିତ୍ୱ ନ ନେଇ, ନିଜ ପଦରୁ ଇସ୍ତଫା ନ ଦେଉନାହାନ୍ତି। ତେଣୁ ଆମ୍ ଆଦମୀ ପାର୍ଟି, ବାଲେଶ୍ୱର ଦାବି କରୁଛି ଯେ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ପଦବୀ ରୁ ତୁରନ୍ତ ବହିଷ୍କାର କରାଯାଉ ଏବଂ ନିରପେକ୍ଷ ତଦନ୍ତ କରାଯାଉ ବୋଲି ଦାବି ହୋଇଛି। ଏ ନେଇ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷାକର୍ମୀଙ୍କ ଆନ୍ଦୋଳନ



ବାଲେଶ୍ୱର, ୧୧।୬ (ସମିସ): ତିନି ମାସର ଦରମା ନ ପାଇବା କାରଣରୁ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷା କର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। କାମ ବନ୍ଦ କରି ସମସ୍ତେ ଏକଜୁଟ ହୋଇ ଆନ୍ଦୋଳନ କରିଥିଲେ। ଏହାଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷା ବ୍ୟବସ୍ଥା ଠପ୍ ହୋଇଯାଇଛି। ଦରମା ସହିତ ଇପିଏଫ ଟଙ୍କା ମଧ୍ୟ ସେମାନେ ପାଇନଥିବା ନେଇ ଠିକା ସଂସ୍ଥା ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷା ସଂସ୍ଥା ଡିସେମ୍ବର ମାସରୁ ଦାୟିତ୍ୱ ନେବା ପରେ ଠିକ୍ ଭାବେ ଦରମା ଦେଇପାରୁ ନାହିଁ। ଏଥିରେ ୮୨ ଜଣ ସୁରକ୍ଷା କର୍ମୀ କାମ କରୁଛନ୍ତି। ପ୍ରତି ମାସରେ ଆପ୍ଲିକେସନ ଦେଲେ ହିଁ ଦରମା ଆସୁଛି। ଇପିଏଫ୍ ଟଙ୍କା ତିନି ମାସ ହେଲା ଡିପୋଜିଟ୍ ହୋଇନି। ଏଥିସହିତ କମ୍ ଇପିଏଫ ଟଙ୍କା ଦେଉଛନ୍ତି। ଦରମା ନ ପାଇବା ଯୋଗୁଁ ହଇରାଣ ହେଉଛନ୍ତି। ଏହା ପୂର୍ବରୁ ଯେଉଁ ସଂସ୍ଥା ସହ କାମ କରୁଥିଲୁ ସେ ଠିକ୍ ଭାବେ ଦରମା ଦେଉଥିଲେ। ହେଲେ ଏବେ ଆମେ ହନ୍ତସନ୍ତ ହେଉଛୁ। ଏ ନେଇ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କୁ ମଧ୍ୟ ଜଣାଇଛୁ। ହେଲେ କେହି କିଛି ବୁଝୁନାହାନ୍ତି। ଆଜି ସକାଳ ୮ରୁ ୧୧ଟା ଯାଏ ସୁରକ୍ଷାକର୍ମୀମାନେ କାର୍ଯ୍ୟବନ୍ଦ କରିଥିଲେ। ପରେ ଘଟଣାସ୍ଥଳରେ ହସ୍ପିଟାଲ କର୍ତ୍ତୃପକ୍ଷ ପହଞ୍ଚି ସୁରକ୍ଷାକର୍ମୀଙ୍କୁ ବୁଝାସୁଝା କରିଥିଲେ। ଏଥିସହିତ ଠିକା ସଂସ୍ଥାର ପ୍ରତିନିଧି ଆଜି ହିଁ ଦରମା ମିଳିବ ବୋଲି ପ୍ରତିଶ୍ରୁତି ହେବା ପରେ ଆନ୍ଦୋଳନ ହଟିଥିଲା। ଆନ୍ଦୋଳନ କରିଥିବା ସୁରକ୍ଷାକର୍ମୀଙ୍କ କହିବା ଅନୁଯାୟୀ, ଆନ୍ଦୋଳନ ପରେ ଆଜି ସନ୍ଧ୍ୟାରେ କିଛି ସୁରକ୍ଷାକର୍ମୀଙ୍କୁ ଦରମା ମିଳିଛି। କିନ୍ତୁ ବର୍ଦ୍ଧିତ ଦରମା ଦେଇ ନାହାନ୍ତି। ତେବେ ଯେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଦାବି ପୂରଣ ନ ହୋଇଛି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସୁରକ୍ଷାକର୍ମୀମାନେ ଚେତାବନୀ ଦେଇଛନ୍ତି।

## ସର୍ବଦର୍ଶନ ସମ୍ମାନ ରାଜ୍ୟ ଟପ୍ପର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର(ଉତ୍ତର), ୧୧।୬(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ଦ୍ୱାରା ପ୍ରକାଶିତ ଶାସ୍ତ୍ରୀ (ଡିଗ୍ରୀ) ପରୀକ୍ଷା ଫଳରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଛାତ୍ରୀ ସୁଚିସ୍ମିତା ପତି ସର୍ବଦର୍ଶନ(ସମ୍ମାନ)ରେ ରାଜ୍ୟ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ସେ ଭବିଷ୍ୟତରେ ଅଧାପିକା ହେବାକୁ ଲକ୍ଷ୍ୟ ରଖିଛନ୍ତି। ପୂର୍ବରୁ ସୁଚିସ୍ମିତା ଯୁକ୍ତ ୨ ଉପଶାସ୍ତ୍ରୀ ପରୀକ୍ଷାରେ ବ୍ଲକ ଟପ୍ପର ହୋଇଥିବା ବେଳେ ଡିଗ୍ରୀ ପରୀକ୍ଷାରେ ଏଥର ରାଜ୍ୟ ଟପ୍ପର ହୋଇଛନ୍ତି। ଭୋଗରାଇ ବ୍ଲକ ଚନ୍ଦନେଶ୍ୱରସ୍ଥିତ ଗାଜିପୁର ଗ୍ରାମର ଗୀତାରାଣୀ ପତି ଓ ଅଜିତ ପତିଙ୍କ ସେ କନିଷ୍ଠା କନ୍ୟା ଅଟନ୍ତି। ଏହି ସଫଳତା ନିମନ୍ତେ ସେ ମାତା ପିତା, ମହାବିଦ୍ୟାଳୟର ଅଧକ୍ଷ, ଅଧାପିକା ଓ ଅଧାପକଙ୍କୁ ଶ୍ରେୟ ଦେଇଛନ୍ତି। ଏହି ଉପଲକ୍ଷେ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମେଧାବୀ ଛାତ୍ରୀଙ୍କୁ ମହାବିଦ୍ୟାଳୟରେ ଅତିଥିଙ୍କ ଗହଣରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଡ଼ଃ ସତୀଶ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଏହି ସଭାରେ ଅଧାପକ ସୁଶାନ୍ତ କୁମାର ମିଶ୍ର, ସମୀର କୁମାର ନନ୍ଦ, ପଦ୍ମଲୋଚନ ପଣ୍ଡା, ପ୍ରାକ୍ତନ ଛାତ୍ର ପରିଷଦ ଉପସଭାପତି ଶମ୍ଭୁନାଥ ସାହୁ ପ୍ରମୁଖ କୃତୀ ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।



ବାଲେଶ୍ୱର: କଚେରି ହତା ପରିସର ପୋଷ୍ଟ ଅଫିସ ଭିତରେ ବାଇକ୍ ପାର୍କିଂ

## ଶିଳ୍ପୀ ମନୀସା ଦାସଙ୍କ ଶ୍ରାଦ୍ଧବାର୍ଷିକୀ




ବାଲେଶ୍ୱର, ୧୧।୬ (ସମିସ): ଚାରୁ ଓ କାରୁକଳା ମହାବିଦ୍ୟାଳୟ ପରିସରରେ ଆଲୁମିନି କଳାକ୍ଷେତ୍ର ଦ୍ୱାରା ସ୍ୱର୍ଗତ ଶିଳ୍ପୀ ମନୀସା ଦାସଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ପାଳନ ହୋଇଯାଇଛି। ଅତିଥି ଭାବେ ଚାରୁ ଓ କାରୁ ମହାବିଦ୍ୟାଳୟ ଅଧକ୍ଷ ନିକୁଞ୍ଜ ବିହାରୀ ଦାସ, ଅଧାପକ ଅଜିତ କୁମାର ଜେନା, ଡ. ପର୍ଶୁରାମ ପଣ୍ଡା, ଆଲୁମିନି କର୍ମକର୍ତ୍ତା ପ୍ରଦୀପ୍ତ କିଶୋର ଦାସ ଯୋଗଦେଇ ମନୀସାଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମନୀସାଙ୍କ ବନ୍ଧୁ ଦୈତାରୀ ବେହେରା ଓ ସୁଶୋଭନା ପାତ୍ର ପଢୁଥିବା ସମୟରେ ଛାତ୍ରଛାତ୍ରୀଙ୍କ ପ୍ରତି ଯେଉଁ ଭଲପାଇବା ଥିଲା ସେ ବାବଦରେ କହି ସ୍ମୃତି ଚାରଣ କରିଥିଲେ। ଶେଷରେ କିଶୋର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳ ନିଷ୍କାସନ ପଥ ଅବରୋଧ

ଜଳେଶ୍ୱର, ୧୧।୬(ସମିସ)



ଜଳେଶ୍ୱର ବ୍ଲକ ସୀମାନ୍ତ ଅଞ୍ଚଳରେ ପଶ୍ଚିମବଂଗର ଉଦବୃତ୍ତ ବର୍ଷା ପାଣି ଓ ସୁବର୍ଣ୍ଣରେଖା ନଦୀର ବନ୍ୟା ଜଳ ପ୍ରାୟତଃ ରେଳ ଲାଇନ୍‌ର ଦୁଇ କଡ଼ରେ ଥିବା ନୟନ ଯୋରୀରେ ନିଷ୍କାସିତ ହୋଇଥାଏ। ଏବେ ୩ୟ ରେଳ ଲାଇନ୍ ସମ୍ପ୍ରସାରଣ ଯୋଗୁଁ ବ୍ରିଟିଶ୍ ଅମଳର ଜଳନିଷ୍କାସନ ପଥକୁ ରେଳ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି। ଜଳ ନିଷ୍କାସନ ଲାଗି ରେଳ ଦକ୍ଷିଣ-ପୂର୍ବ ବିଭାଗ ବଡ଼ ବଡ଼ ପୋଲ ନିର୍ମାଣ କରୁଥିବା ବେଳେ ରେଳ ଖାଇ ଭର୍ତ୍ତି ଫଳରେ ବର୍ଷା ପାଣି କିପରି ନିଷ୍କାସିତ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ବ୍ୟତୀତ ୪ର୍ଥ ରେଳ ଧାରଣା ପାଇଁ ପଶ୍ଚିମ ପଟରେ ଥିବା ରେଳ ଖାଇରେ ଗାଡୱାଲ୍ ନିର୍ମାଣ ଯୋଗୁଁ ଜଳ ନିଷ୍କାସନ ପଥ ମଧ୍ୟ ସଙ୍କୁଚିତ ହୋଇଛି। ଫଳରେ ବର୍ଷା ଦିନିଆ ସୀମାନ୍ତ ଅଞ୍ଚଳବାସୀ ଉବୁଟୁବୁ ହେବା ସହିତ ବିସ୍ତିର୍ଣ୍ଣ ଚାଷ ଜମି ପ୍ଲାବିତ ହେବା ନିଶ୍ଚିତ। ଲକ୍ଷ୍ମଣନାଥ ଷ୍ଟେସନ ଠାରୁ ନହର ପାଟଣା ପର୍ଯ୍ୟନ୍ତ ରେଳ ଖାଇକୁ ସମ୍ପୂର୍ଣ୍ଣ ଭର୍ତ୍ତି ହେଉଥିବା ବେଳେ ସାଧାରଣ ଲୋକଙ୍କ ସମସ୍ୟାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ବିକାଶ ନାଁ ରେ ବିନାଶ ହେବାକୁ ଯାଉଥିବାରୁ ବ୍ୟାପକ କ୍ଷୟକ୍ଷତି ଆଶଙ୍କା କରି ସ୍ଥାନୀୟ ଗ୍ରାମବାସୀ ଉତକ୍ଷିପ୍ତ ହୋଇ କାର୍ଯ୍ୟ ବନ୍ଦ ପ୍ରୟାସ କରିଥିଲେ। ସ୍ଥାନୀୟ ସରପଞ୍ଚ ରାଜେଶ ଜେନାଙ୍କ ନେତୃତ୍ୱରେ ସୀମାନ୍ତ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ରବିବାର ଲୋକମାନେ ମେଳୀ ବାନ୍ଧି ବୈଠକ କରିଥିଲେ। ପରିଷଦର କାର୍ଯକାରୀ ସଭାପତି ପ୍ରାକ୍ତନ ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ଅଧିକାରୀଙ୍କ ଆବାହକରେ ଏବଂ ସମ୍ପାଦକ ରବୀନ୍ଦ୍ର ଦାସ ଙ୍କ ସଞ୍ଚାଳନ ରେ ସମ୍ଭାବିତ ପ୍ରଭାବିତ ଗ୍ରାମବାସୀ ଓ ଚାଷୀଙ୍କ ସମସ୍ୟା ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। ବାଲେଶ୍ୱର ସାଂସଦ, ଜଳେଶ୍ୱର ବିଧାୟକ, ଖଡ଼ଗପୁର ରେଳ ପ୍ରବନ୍ଧକ,

### ପ୍ଳାବିତ ହେବ ସୀମାନ୍ତ ଅଞ୍ଚଳ

ଜିଲ୍ଲାପାଳଙ୍କୁ ସମସ୍ୟା ସମ୍ପର୍କରେ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ ନିଷ୍ପତ୍ତି ହୋଇଛି। ବର୍ଷାଋତୁ ଆଗରୁ ଉକ୍ତ ସମ୍ବେଦନଶୀଳ ସମସ୍ୟା ସମାଧାନ ନହେଲେ ତିବ୍ର ଆନ୍ଦୋଳନ ହେବ ବୋଲି ହରିଶ୍ ସେଠୀ, ସନ୍ତୋଷ ଜେନା, ଉଦୟ ଜେନା, ବଙ୍କିମ ଜେନା, ପଞ୍ଚାନନ ଗିରି, ହରେନ୍ଦ୍ର ପାତ୍ର, ଶୁଭେନ୍ଦୁ ଜେନା, କାର୍ତ୍ତିକ ଜେନା, ସନ୍ନ୍ୟାସୀ ଜେନା, ବଂଶୀଧର ସେଠୀ, ବଂଶୀଧର ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀ କପ୍ କବାଡ଼ି-୨୦୨୬ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲା ଚାମ୍ପିଅନ

ବାଲେଶ୍ୱର, ୧୧।୬ (ସମିସ): ବ୍ରହ୍ମପୁରଠାରେ ଶେଷ ହୋଇଥିବା ମୁଖ୍ୟମନ୍ତ୍ରୀ କପ୍ ୧୬ ବର୍ଷରୁ କମ୍ କବାଡି ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲା ଚାମ୍ପିଅନ ହୋଇ ଜିଲ୍ଲାର ଗୌରବ ବଢ଼ାଇଛନ୍ତି। କଟକଠାରେ ହୋଇଥିବା ଜୋନାଲ ଖେଳରେ ବାଳକ ବିଭାଗରେ ଚାମ୍ପିଅନ ହୋଇ ବ୍ରହ୍ମପୁର ଠାରେ ହୋଇଥିବା ପ୍ରତିଯୋଗିତାରେ ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ବାଳକ ବର୍ଗରେ ବାଲେଶ୍ୱର ଏବଂ ସୁନ୍ଦରଗଡ଼ ଜିଲ୍ଲା ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ବାଲେଶ୍ୱର ଜିଲ୍ଲା ପ୍ରତିଦ୍ୱନ୍ଦିତା ମୂଳକ ଫାଇନାଲ ମ୍ୟାଚରେ ୪୯-୪୫ ପଏଣ୍ଟରେ ସୁନ୍ଦରଗଡ଼ ଜିଲ୍ଲାକୁ ପରାସ୍ତ କରି ବିଜୟୀ ହୋଇଥିଲେ। ବିଜୟୀ ବାଲେଶ୍ୱର ଦଳକୁ ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ଏବଂ ଶ୍ରେଷ୍ଠ ଖେଳାଳୀ ଭାବେ ୧୫ ହଜାର ଟଙ୍କା ମିଳିଥିଲା ଏହି ବିଜୟରେ ଜିଲ୍ଲା ଖୁସିର ଲହରି ଖେଳିଯାଇଛି। ଜିଲ୍ଲା କ୍ରୀଡାସଂଘ ସମସ୍ତ କର୍ମକର୍ତ୍ତା ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଖେଳାଳିମାନେ ଆଜି ଟ୍ରେନରେ ଫେରିବା ପରେ ଜିଲ୍ଲା କ୍ରୀଡାସଂଘ କାର୍ଯ୍ୟାଳୟରେ ବିଜୟୀ ହୋଇଥିବା ଖେଳାଳି ଓ ମ୍ୟାନେଜର ସୁନିଲ ଚନ୍ଦ୍ର ବେହେରା ମାନଙ୍କୁ କ୍ରୀଡାସଂଘ ସଭ୍ୟ ଏବଂ କର୍ମକର୍ତ୍ତା ମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ସ୍ୱାଗତ ସଭାରେ ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, କ୍ରୀଡାସଂଘ ଉପସଭାପତି ଜଗଦିଶ ବେହେରା, ଅମର କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର, ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଯୁଗ୍ମ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକ, ବିରେନ୍ଦ୍ର କୁମାର ସ୍ୱାଇଁ, ନିମାଇଁ ଚରଣ ରାଉତ ରାୟ, ଜନ୍ମେଜୟ ଦେ, ସଞ୍ଜୟ ଲେଙ୍କା, ସଭ୍ୟ ହରେନ ଚନ୍ଦ୍ର ରଣା, ସୁଜୟ ଆଚାର୍ଯ୍ୟ, ପ୍ରଦୀପ ଦାସ, ଦିଲ୍ଲୀପ ଜେନା, ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



